### ଆଜିଠାରୁ ମାଟ୍ରିକ ପରୀକ୍ଷା

# ୧୬୮ କେନ୍ଦ୍ରରେ ୨୨ ହଜାର ୪୨୩ ଛାତ୍ରଛାତ୍ରୀ ଦେବେ ପରୀକ୍ଷା

**ବଲାଙ୍ଗିର, ୨୦।୨(ସମିସ)**

ରାଜ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହେଉଛି ମାଟ୍ରିକ ପରୀକ୍ଷା। ଏହିକ୍ରମରେ ଜିଲ୍ଲାସ୍ତରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସ୍ୱଚ୍ଛତାର ସହ ପରୀକ୍ଷା ପରିଚାଳନା ପାଇଁ ଅନେକ ବ୍ୟବସ୍ଥା କରାଯାଇଥିବାବେଳେ ବଲାଙ୍ଗିର ଜିଲ୍ଲାରେ ମଧ୍ୟ ଚଳିତ ମାଟ୍ରିକ ପରୀକ୍ଷାକୁ ନେଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ଜିଲ୍ଲାରେ ରେଗୁଲାର, ଏକ୍ସ ରେଗୁଲାର, ମଧ୍ୟମା ରେଗୁଲାର ଓ ଏକ୍ସ ରେଗୁଲାର, ଓପନ ସ୍କୁଲିଂ ଛାତ୍ରଛାତ୍ରୀଙ୍କୁ ମିଶାଇ ସମୁଦାୟ ୨୨ ହଜାର ୪୨୩ ପରୀକ୍ଷାର୍ଥୀ ରହିଥିବା ଜଣାପଡ଼ିଛି। କପି ରୋକିବାକୁ ପ୍ରତିବର୍ଷ ଭଳି ଗୁରୁତ୍ୱ ଦିଆଯାଇଥିବାବେଳେ ତ୍ରିସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା କରାଯାଇଛି।

ବିଭାଗୀୟ ସୂଚନା ଅନୁସାରେ ଚଳିତ ବର୍ଷ ୩୬୬ ଉଚ୍ଚ ବିଦ୍ୟାଳୟର ୨୨ ହଜାର ୪୨୩ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥିରେ ୨୨ ହଜାର ୪୨ ଜଣ ରେଗୁଲାର ଓ ଏକ୍ସ ରେଗୁଲାର ରହିଥିବାବେଳେ ୧୨୭ ଜଣ ମଧ୍ୟମା ସଂସ୍କୃତ ରେଗୁଲାର ଓ ଏକ୍ସରେଗୁଲାର ଛାତ୍ରଛାତ୍ରୀ ରହିଛନ୍ତି। ସେହିପରି ୨୫୪ ଜଣ ମୁକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀ ରହିଥିବା ଜଣାପଡ଼ିଛି। ୨୨ ହଜାର ୪୨୩ ଛାତ୍ରଛାତ୍ରୀମାନଙ୍କ ପାଇଁ ଜିଲ୍ଲାରେ ୧୬୮ ଟି ପରୀକ୍ଷାକେନ୍ଦ୍ର କରାଯାଇଛି। ସେହିପରି ପ୍ରଶ୍ନପତ୍ରର ସୁବଣ୍ଟନ ବ୍ୟବସ୍ଥା ପାଇଁ ଜିଲ୍ଲାର ୧୪ ବ୍ଲକ ଓ ବଲାଙ୍ଗିର ପୌରାଞ୍ଚଳ ପାଇଁ ୧୫ ଟି ନୋଡାଲ କେନ୍ଦ୍ର କରାଯାଇଛି। ଉକ୍ତ ନୋଡାଲ କେନ୍ଦ୍ରରୁ ପରୀକ୍ଷା କେନ୍ଦ୍ର ଗୁଡ଼ିକୁ ପ୍ରଶ୍ନପତ୍ର ପ୍ରଦାନ କରାଯିବ। ପରୀକ୍ଷା କେନ୍ଦ୍ର କରାଯାଇଥିବା ୧୬୮ କେନ୍ଦ୍ରରୁ ୧୧୫ ସରକାରୀ ଉଚ୍ଚ ବିଦ୍ୟାଳୟ ରହିଥିବାବେଳେ ୫୩ ଟି ଆଡେଡ ସ୍କୁଲ ରହିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ସେହିପରି ସର୍ବାଧିକ ପରୀକ୍ଷାର୍ଥୀ ପାଟଣାଗଡ଼ ବ୍ଲକରେ ରହିଛନ୍ତି। ଏହି ବ୍ଲକରେ ୨୨୩୬ ପରୀକ୍ଷାର୍ଥୀ ରହିଥିବା ବେଳେ ଗୁଡଭେଲା ବ୍ଲକରେ ସର୍ବନିମ୍ନ ୮୩୦ ପରୀକ୍ଷାର୍ଥୀ ରହିଛନ୍ତି। ସେହିପରି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତି ବ୍ଲକରେ ଦୁଇଟି ଲେଖାଏଁ ଟିମ୍ ସ୍କ୍ୱାର୍ଡ ଗଠନ କରାଯାଇଛି। ଯେଉଁ ଟିମ୍‌ରେ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ରଖାଯାଇଛି। ବିଗତ ବର୍ଷମାନଙ୍କରେ ବଲାଙ୍ଗିର ଜିଲ୍ଲାରେ ପ୍ରଶ୍ନପତ୍ର ଭାଇରାଲ, କପି ଯୋଗାଇବାର ଅନେକ ଦୃଶ୍ୟ ସାମ୍ନାକୁ ଆସୁଥିବାବେଳେ ସେସବୁ ଘଟଣାକୁ ରୋକିବା ପାଇଁ ପ୍ରଶାସନ ବ୍ୟବସ୍ଥା କରିବ ବୋଲି ଜଣାପଡ଼ିଛି।

**କପି ରୋକିବା ପାଇଁ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା**

**ଜିଲ୍ଲାରେ ପ୍ରଶ୍ନପତ୍ର ପାଇଁ ୧୫ ନୋଡାଲ କେନ୍ଦ୍ର ବ୍ୟବସ୍ଥା**

## ମାତିଛି ହେଲମେଟ୍ ଚୋର; ସିସିଟିଭିରେ ଦୃଶ୍ୟ କଏଦ

**ବଲାଙ୍ଗିର, ୨୦।୨(ସମିସ):** ବଲାଙ୍ଗିର ସହରରେ ମାତିଛି ହେଲମେଟ ଚୋର। ଏକ ସାଇକଲରେ ଆସି ଗାଡ଼ି ପାଖରେ ଛିଡା ହେଉଛି। ମୌକା ଦେଖି ହେଲମେଟ ଧରି ଛୁ ମାରୁଛି। ସହରର ଏକାଧିକ ସ୍ଥାନରୁ ଏଭଳି ଚୋରି କରିଥିବାବେଳେ ସିସିଟିଭିରେ କଏଦ ହୋଇଥିବା ଚୋରି ସମୟର ଦୃଶ୍ୟ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। କଏଦ ହୋଇଥିବା ସିସିଟିଭି ଦୃଶ୍ୟ ଦୁଇଦିନର ବୋଲି କୁହାଯାଉଛି। ତେବେ କାହାର ହେଲମେଟ ଚୋରି ହେଲା ସେନେଇ କୌଣସି ସୂଚନା ମିଳିନାହିଁ। ଏପରିକି ଟାଉନ ଥାନାରେ ମଧ୍ୟ ଏ ସମ୍ପର୍କିତ କୌଣସି ରିପୋର୍ଟ ଦାଖଲ ହୋଇ ନ ଥିବା ଥାନା ଅଧିକାରୀ ଅବନୀ ସାହୁ କହିଛନ୍ତି। କିଛିଦିନ ହେଲା ଏହି ଚୋର ଗାଡ଼ି ଗୁଡିକରୁ ହେଲେମେଟ ଚୋରି କରି ଉତ୍ପାତ କରୁଥିବାବେଳେ ତାକୁ ଶୀଘ୍ର ଗିରଫ କରିବାକୁ ସାଧାରଣ ଜନତା ଦାବି କରୁଛନ୍ତି।



### ମୁରିବାହାଲ ବ୍ଲକସ୍ତରୀୟ ଧନୁଯାତ୍ରା

## କଂସ ଦରବାରରେ ରଙ୍ଗସଭା ଓ ଅକ୍ରୂର ପ୍ରେରଣ

**ମୁରିବାହାଲ, ୨୦।୨(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ଧନୁଯାତ୍ରା ମହୋତ୍ସବ ଷଷ୍ଠ ରଜନୀରେ କଂସ ଦରବାରରେ ରଙ୍ଗସଭା -ଅକ୍ରୁର ପ୍ରେରଣ ନାଟକ ମଞ୍ଚସ୍ଥ ହୋଇଥିଲା। କମିଟି ସଭାପତି ଶ୍ରୀବତ୍ସ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ଆଜି ମହମ୍ମଦ ଆୟୁବ୍ ଖାଁ, ସ୍ୱତନ୍ତ୍ର ଅତିଥି ବଙ୍ଗୋମୁଣ୍ଡା ବ୍ଲକ ସରପଞ୍ଚ ସଙ୍ଘ ସଭାପତି ଅଜିତ କୁମାର ଯୋଶୀ, ସମ୍ମାନିତ ଅତିଥି ମାଳିଶିରା ହାଇସ୍କୁଲ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ବାଗ, ପତ୍ରାପାଲି (ଖ )ସରପଞ୍ଚ ପ୍ରତିନିଧି ଜିତେନ୍ଦ୍ରିୟ ନାଗ, ଟିକ୍ରାପଡ଼ା ବରିଷ୍ଠ ବିଜେପି ନେତା ଗଦାଧର ବଗର୍ତ୍ତୀ, ହଳଦୀ ସରପଞ୍ଚ ପ୍ରତିନିଧି ରମାରଞ୍ଜନ ସେଠ, କମିଟି ଉପସଭାପତି ଲକ୍ଷ୍ମୀକାନ୍ତ ଧରୁଆ, କାର୍ଯ୍ୟକାରୀ ସଭାପତି ସୁଦାମ ସାହୁ ମଞ୍ଚାସିନ ଥିଲେ। ମୁରିବାହାଲ ଗ୍ରାମ ମଥୁରା ନଗରୀ ଓ ବନବାହାଲ ଗ୍ରାମ ଗୋପପୁର ପାଲଟିଛି। ଧନୁଯାତ୍ରାର ମହାରାଜ କଂସ ଭୂମିକାରେ ଲାଠୋରର ଆର୍ତ୍ତତ୍ରାଣ ସୁନାନୀ ଓ ସାଥୀ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଏଥିପାଇଁ ମୁରିବାହାଲ ପୁଲିସ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ଶାନ୍ତିଶୃଙ୍ଖଳାର ବ୍ୟବସ୍ଥା କରାଯାଇଛି। କମିଟି ଉପସଭାପତି ନାରାୟଣ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ କୋଷାଧ୍ୟକ୍ଷ ପଦ୍ମଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦୁପତ୍ର ବିଭାଗ ସିଜନାଲ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



**ଦେଓଗା, ୨୦।୨(ସମିସ):** ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଡିଭିଜନ ଦେଓଗାଁ କେନ୍ଦୁପତ୍ର ରେଞ୍ଜର ସମସ୍ତ ସିଜନାଲ କର୍ମଚାରୀମାନେ ୩ ଦଫା ଦାବି ନେଇ ଗୁରୁବାର ଦେଓଗାଁ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ରେଞ୍ଜରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସମସ୍ତ ସିଜନାଲ କର୍ମଚାରୀଙ୍କୁ ବର୍ଷସାରା କାମ ଯୋଗାଇଦେବାକୁ ଦାବି ରଖିଥିବା ବେଳେ ତୁରନ୍ତ ଗତବର୍ଷର ବକେୟା ଦରମା ପ୍ରଦାନ କରିବାକୁ ଦାବି କରିଥିଲେ। ଏହାସହ ଟିଏ. ବିଲ୍ ମଧ୍ୟ ପ୍ରଦାନ କରିବାପାଇଁ ଦାବି କରିଥିଲେ। ଆବାହକ ବାଞ୍ଛାନିଧି ପଧାନ ଯୋଗଦେଇ ବିଭାଗୀୟ ଅବହେଳାକୁ ନାପସନ୍ଦ କରିବାସହ ସିଜିନାଲ କର୍ମଚାରୀମାନଙ୍କୁ ନିୟମିତ ଭାବେ କାମ ଯୋଗାଇଦେବା ଏକ ମୁଖ୍ୟ ପ୍ରସଙ୍ଗ ବୋଲି କହିଥିଲେ। ଉକ୍ତ ଦାବିଗୁଡ଼ିକୁ ସରକାର ପୂରଣ ନକଲେ ଏହି ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ସୂଚନା ଦେଇଥିଲେ। ଡିଭିଜନର ସଂଘ ସମ୍ପାଦକ ଛବିଳ ସିଂ ଚିନ୍ଦା, ମହାବୀର ପଧାନ, ରଜନୀକାନ୍ତ ଭୋଇ, ବିଜୟ କୁମାର ସାହୁ, ବୀର କିଶୋର ବିଶ୍ୱାଳ, ମାନଭଞ୍ଜନ ସାହୁ, ଗଗନ ସ୍ୱାଇଁ, ଦୁଃଖିଶ୍ୟାମ ସାହୁ ତଥା ଅନ୍ୟମାନେ ଯୋଗଦେଇ ଦାବି ପୂରଣ ଉପରେ ଆଲୋକପାତ କରିଥିଲେ। ପରେ ସ୍ଥାନୀୟ ରେଞ୍ଜର ଧୃବା ରଣାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ରେଞ୍ଜର ରଣା ଦାବୀପତ୍ରକୁ ଉଚ୍ଚଅଧିକାରୀଙ୍କ ପଠାଇବାସହ ଦାବି ପୂରଣ ଉପରେ ଅବଗତ କରିବୁ ଓ ୭ ଦିନ ଭିତରେ ବକେୟା ଦରମା ପ୍ରଦାନ କରାଯିବ ବୋଲି ସୂଚନା ଦେଇଥିଲେ।

## ୨୩ ଓ ୨୪ରେ ମହିଳା କ୍ରିକେଟ 'ଟି-୨୦'

**ବଲାଙ୍ଗିର, ୨୦।୨(ସମିସ):** ଓଡ଼ିଶା ମହିଳା କ୍ରିକେଟରେ ପ୍ରାଧାନ୍ୟ ବିସ୍ତାର କରିଥିବା ବଲାଙ୍ଗିର ଏ ଦିଗରେ ଆଉ ଏକ ପାଦ ଆଗେଇଛି। ଆସନ୍ତା ୨୩ ଓ ୨୪ ଦୁଇଦିନ ଧରି ଗାନ୍ଧି ଷ୍ଟାଡିୟମରେ ଓଡ଼ିଶାର ବହୁ ଶ୍ରେଷ୍ଠ ମହିଳା କ୍ରିକେଟର ଏକାଠି ହେବେ। ସ୍ଥାନୀୟ ମହିଳା ସଂଗଠନ ନାରୀଶକ୍ତି ଫାଉଣ୍ଡେସନ ଆନୁକୂଲ୍ୟରେ ତଥା ଜିଲ୍ଲା କ୍ରୀଡ଼ାସଂସଦ ସହଯୋଗରେ ଦୁଇଦିନ ଧରି ଏକ ରାଜ୍ୟସ୍ତରୀୟ ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ଏଥିରେ ଆୟୋଜକ ବଲାଙ୍ଗିର ଏକାଦଶ, ଭୁବନେଶ୍ୱରର ଦୁଇଟି ଦଳ ଓ ରାଉରକେଲାର ଗୋଟିଏ ଦଳ ଭାଗ ନେବେ। ବିଜେତା, ଉପବିଜେତା, ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ବ୍ୟାଟର, ଶ୍ରେଷ୍ଠ ବୋଲର ଆସି ବିଭିନ୍ନ ଆକର୍ଷଣୀୟ ପୁରସ୍କାର ରହିଥିବା ନେଇ ଫାଉଣ୍ଡେସନର ସମ୍ପାଦିକା ନୂତନ ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶାର କ୍ରୀଡ଼ା ମାନଚିତ୍ରରେ, ବିଶେଷ କରି ମହିଳା କ୍ରିକେଟରେ ବଲାଙ୍ଗିରର ସ୍ୱତନ୍ତ୍ର ପରିଚୟ ରହିଛି। ଓଡ଼ିଶାର ପ୍ରଥମ ଦୁଇଜଣ ମହିଳା କ୍ରିକେଟର ଭାବେ ମାଧୁରୀ ମେହେଟ୍ଟା ଓ ପରେ ପରେ ରୋସନାରା ପରୱିନ ଅତୀତରେ ଏକାଧିକ ଥର ଜାତୀୟ ସିନିୟର କ୍ରିକେଟ ଦଳର ପ୍ରତିନିଧିତ୍ୱ କରିଥିବା ବେଳେ ସରିତା ମେହେର ପୂର୍ବାଞ୍ଚଳ ସିନିୟର ଜୋନାଲ ଦଳର ପ୍ରତିନିଧିତ୍ୱ କରିଛନ୍ତି। ମାଧୁରୀ ମଧ୍ୟ କିଛିକାଳ ରାଜ୍ୟ ଦଳର ଅଧିନାୟିକା ରହିବା ସହ ଦେଶର ଅନ୍ୟତମ ପ୍ରମୁଖ ବ୍ୟାଟର ଭାବେ ଘରୋଇ କ୍ରିକେଟ ଋତୁରେ କ୍ରମାଗତ ସର୍ବାଧିକ ରନ୍-ସ୍କୋରର ତାଲିକାର ଶୀର୍ଷସ୍ଥାନମାନଙ୍କରେ ରହିଆସୁଛନ୍ତି। ବିଭିନ୍ନ କନିଷ୍ଠ ବର୍ଗରେ ମଧ୍ୟ ବହୁ ସଂଖ୍ୟାରେ ବାଳିକାମାନେ ଉତ୍ତମ ପ୍ରଦର୍ଶନ କରିଆସୁଥିବାରୁ ଆଗକୁ ମଧ୍ୟ ମହିଳା କ୍ରିକେଟରେ ବଲାଙ୍ଗିରର ପ୍ରାଧାନ୍ୟ ଅବ୍ୟାହତ ରହିବା ନେଇ ଡିଏଏ ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ ଓ ମହିଳା କ୍ରିକେଟ ପ୍ରଶିକ୍ଷକ ଅରୁଣ ନାଏକ ଆଶାପ୍ରକାଶ କରିଛନ୍ତି। ବଲାଙ୍ଗିର ମହିଳା କ୍ରିକେଟର ଏହି ଉଜ୍ଜଳ ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ପାଇଁ କ୍ରିକେଟ ପ୍ରେମୀମାନେ ବହୁସଂଖ୍ୟାରେ ଏହି ଟୁର୍ଣ୍ଣାମେଣ୍ଟ ଦେଖିବାକୁ ଉଭୟଦିନ ଷ୍ଟାଡିୟମ ଆସନ୍ତୁ ବୋଲି ସେମାନେ ନିବେଦନ କରିଛନ୍ତି।

## ବରିଷ୍ଠ ବିଜେଡି ନେତାଙ୍କ ପରଲୋକ

**ଦେଓଗାଁ, ୨୦।୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତର ବରିଷ୍ଠ ବିଜେଡି ନେତା ତଥା ଯୁବ ସଂଗଠକ ଡମ୍ବରୁଧର ଭୋଇ (୫୫)ଙ୍କ ବୁଧବାର ରାତିରେ ପରଲୋକ ହୋଇଛି। ଗୁରୁବାର ସକାଳେ ସ୍ଥାନୀୟ ସୋନଗଡ଼ ନଦୀରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମୃତ୍ୟୁବେଳକୁ ପତ୍ନୀ ସହ ସପରିବାର ଥିବାବେଳେ ବଡପୁଅ ଭିକୁରାମ ଭୋଇ ମୁଖାଗ୍ନି ଦେଇଥିଲେ। ସେ ଜଣେ ଯୁବ ସଂଗଠକ ତଥା ବିଜେଡି ଦଳର ପଞ୍ଚାୟତସ୍ତରରେ ଆଗଧାଡିର ନେତା ରହିଆସିଥିବା ବେଳେ ଜଣେ ସଫଳ ଚାଷୀ ଭାବେ ମଧ୍ୟ ପରିଚିତ ଥିଲେ। ଏହାସହ ଜଣେ ମେଳାପି ଓ ପରୋପକାରୀ ବ୍ୟକ୍ତି ଥିବାରୁ ତାଙ୍କ ପରଲୋକରେ ଦେଓଗାଁ ବ୍ଲକ ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ବିଧାୟକ କଳିକେଶ ନାରାୟଣ ସିଂ ଦେଓ, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂ ଦେଓ, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ରୀନା ମେହେର, ବ୍ଲକ ବିଜେଡି ସଭାପତି ଶୁଶୀଳ କୁମାର ଚାନ୍ଦ, ବରିଷ୍ଠ ବିଜେଡିନେତା ଉମା ଶଙ୍କର ସିଂ, ଯୁବ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ବିଭୂତି ଭୂଷଣ ମିଶ୍ର ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।



### ତମିଆଁ ମୁଦଲସର ସୁକତେଲ ସେତୁ ଭୁଶୁଡ଼ିବା ଆଶଙ୍କା

# ସେତୁର ଉପରଭାଗ ସ୍ଲାବ୍‌ରେ ଫାଟ

**ପାଟଣାଗଡ଼, ୨୦।୨(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ତମିଆଁ ମୁଦଲସର ସୁକତେଲ ସେତୁ ଭୁଶୁଡ଼ିବା ଆଶଙ୍କା ଘଟଣା ଗୁରୁବାର 'ସକାଳ' ରେ ପ୍ରକାଶ ପାଇବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସେତୁର ନିମ୍ନମାନର କାମକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି। ସେତୁ ନିର୍ମାଣ ହେବାର ଚାରି ବର୍ଷ ମଧ୍ୟରେ ଏକ ସ୍ଲାବ ଦବିଯିବା ଓ ପୁଣି ନୂତନ ସ୍ଲାବ ନିର୍ମାଣ ସମୟରେ ସେତୁ ଭୁଶଡ଼ି ଦୁଇ ଜଣ ଶ୍ରମିକଙ୍କ ଜୀବନହାନି ଘଟିବା ଘଟଣା ଲୋକଙ୍କ ମନରୁ ଲିଭି ନ ଥିବାବେଳେ ପୁଣି ଏହି ସେତୁ ଦୁର୍ବଳ ହୋଇପଡ଼ିଥିବା ଆଶଙ୍କା ଲୋକଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସେତୁର ଚାରି ଓ ପାଞ୍ଚ ନମ୍ବର ସ୍ଲାବରେ ଫାଟ ହେବାସହ ସେତୁର ଉପରଭାଗର ପାଞ୍ଚ ଓ ଛଅ ନମ୍ବର ସ୍ଲାବକୁ ସଂଯୋଗ ହୋଇଥିବା ସ୍ଥାନରେ କିଛି ଇଞ୍ଚ ପ୍ରସାରିତ ହୋଇଯାଇଛି ଓ ସେତୁର କିଛି ସ୍ଥାନରେ ଦବି ମଧ୍ୟ ଯାଇଛି। ପୂର୍ବରୁ ୨୦୨୦ ରେ ସେତୁର ଭୁଶୁଡ଼ିଥିବା ତିନି ନମ୍ବର ସ୍ଲାବକୁ ପୁଣି ନୂତନ ଭାବେ ନିର୍ମାଣ କରାଯାଇଥିଲା ଏହି ସମୟ ଅବଧି ମଧ୍ୟରେ ଏହି ସେତୁ ଉପରେ ନିର୍ଭର କରୁଥିବା ୧୦୦ ଖଣ୍ଡ ଗ୍ରାମର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। କିଛି ଦୂରତା ପାଇଁ ୨୦ କିମି ଅଧିକ ରାସ୍ତା ଦେଇ ଲୋକଙ୍କୁ ଯିବାଆସିବା କରିବାକୁ ପଡ଼ିବା ସହ ତମିଆଁ ଉପରେ ନିର୍ଭର କରୁଥିବା ସ୍କୁଲ ଛାତ୍ରଛାତ୍ରୀ ବର୍ଷା ସମୟରେ ସ୍କୁଲ ଆସିବା ବନ୍ଦ କରିଦେଇଥିଲେ। ବର୍ତ୍ତମାନ ପୁଣି ଏହି ସେତୁ ଦୁର୍ବଳ ହୋଇପଡ଼ିଥିବା ଆଶଙ୍କା ପ୍ରକାଶ ପାଇବା ପରେ ଅଞ୍ଚଳବାସୀ ଏହାକୁ ତୀବ୍ର ବିରୋଧ କରିବାସହ ପ୍ରଶାସନ ଉପରେ ସମ୍ପୂର୍ଣ୍ଣ ଦୋଷ ଦେଇଛନ୍ତି। ଏହି ସେତୁ ନିର୍ମାଣ କରିଥିବା ଠିକା ସଂସ୍ଥା ବିରୋଧରେ ପ୍ରଶାସନ ତରଫରୁ ମାମଲା ଦେବାସହ ଓ ସେତୁରେ ଖର୍ଚ୍ଚ ହୋଇଥିବା ଟଙ୍କାକୁ ରିକୋଭରୀ କରାଯାଇ ଏହାର ଉଚ୍ଚସ୍ତରୀୟ ବିଧିବଦ୍ଧ ତଦନ୍ତ ସହ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଅନ୍ୟ ଏକ ସ୍ଥାନରେ ଏକ ନୂତନ ସେତୁ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

**ଉଚ୍ଚସ୍ତରୀୟ ତଦନ୍ତ ଦାବି**

### ଅଞ୍ଚଳବାସୀଙ୍କ ମୁହଁରୁ...



ତମିଆଁ ମୁଦଲସର ସୁକତେଲ ସେତୁ ଉପରେ ୧୦୦ ଖଣ୍ଡ ମୌଜାର ଲୋକେ ନିର୍ଭର କରିଥାନ୍ତି। ଲୋକଙ୍କ ସୁବିଧା ଦୃଷ୍ଟିରୁ ବହୁତ ଦାବି ପରେ ଏହି ସେତୁ ନିର୍ମାଣ କରାଯାଇଥିଲା। ଏବେ ପୁଣି ଏହି ସେତୁ ଦୁର୍ବଳ ହୋଇ ଭୁଶୁଡ଼ିବା କଥା ଶୁଣୁଛୁ। ଏହି ସେତୁ ଗତପାଞ୍ଚ ବର୍ଷ ପୂର୍ବରୁ ଭୁଶୁଡ଼ି ଦୁଇ ଜଣ ଶ୍ରମିକଙ୍କ ପ୍ରାଣ ହାନି ଘଟିଥିଲା। ଏହି ସେତୁ କାମ ନିମ୍ନମାନର ହୋଇଥିବା ଯୋଗୁଁ ବାରମ୍ବାର ଦୁର୍ବଳ ହେଉଛି। ଏ ଦିଗରେ ରାଜ୍ୟ ସରକାର ଠିକା ସଂସ୍ଥା ସହ ଦାୟିତ୍ୱରେ ଥିବା ବିଭାଗୀୟ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ଜଣାଇବା ସଙ୍ଗେ ଅନ୍ୟତ୍ର ସ୍ଥାନରେ ଏକ ନୂତନ ସେତୁ ନିର୍ମାଣ କରାଯାଉ।

**ବିନୋଦ ବିହାରୀ ଦାସ**



ସେତୁ ଭୁଶୁଡ଼ିବା ଆଶଙ୍କା ଘଟଣା ଜାଣିବା ପରେ ଅଞ୍ଚଳବାସୀ ମର୍ମାହତ। ଏହି ସେତୁ ନିର୍ମାଣ କରିଥିବା ଠିକା ସଂସ୍ଥା ସହ ବିଭାଗୀୟ କର୍ମଚାରୀ ସମ୍ପୂର୍ଣ୍ଣ ଭାବେ ଦାୟୀ। ବାରମ୍ବାର ଏହି ସେତୁ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପୂର୍ବରୁ ମଧ୍ୟ ଏହି ସେତୁ ଭୁଶୁଡ଼ି ଦୁଇ ଜଣଙ୍କ ଜୀବନ ହାନି ଘଟିଥିଲା। ଏ ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ଓ ଠିକା ସଂସ୍ଥା ଓ ବିଭାଗୀୟ କର୍ମଚାରୀ ବିରୋଧରେ ଦୃଢ଼ ପଦକ୍ଷେପ ନିଆଯାଉ। ଏ ସେତୁ ଉପରେ ଆଉ ମରାମତି କାମ କରାଇଦେବୁ ନାହିଁ। ଅନ୍ୟ ସ୍ଥାନରେ ନୂତନ ସେତୁ ନିର୍ମାଣ କରାଯାଉ ନ ହେଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ।

**ଭକ୍ତବନ୍ଧୁ ବାଗ**



ଏହି ସେତୁର ସ୍ଥାୟିତ୍ୱକୁ ନେଇ ପ୍ରଥମରୁ ହିଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଣି ତମିଆଁ ମୁଦଲସର ସୁକତେଲ ସେତୁ ଭୁଶୁଡ଼ିବା ଆଶଙ୍କା ବିଷୟରେ ଜାଣିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏହି ବ୍ରିଜ୍‌କୁ ଆଉ ଭାଙ୍ଗିବାକୁ ଦିଆଯିବ ନାହିଁ। ଦାୟିତ୍ୱରେ ଥିବା ବିଭାଗର ଅଧିକାରୀଙ୍କ ଭୁଲ ଯୋଗୁଁ ଏଭଳି ଅବସ୍ଥା ହୋଇଛି। ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ପୂର୍ବରୁ ମଧ୍ୟ ବିଭାଗର ଭୁଲ ଯୋଗୁଁ ଦୁଇ ଜଣ ନିରୀହ ଶ୍ରମିକଙ୍କ ଜୀବନ ହାନି ଘଟିଥିଲା। ଏହି ସେତୁକୁ ପୁଣି ଭଙ୍ଗାଗଲେ ଜୋରଦାର ବିରୋଧ କରାଯିବ। ଅନ୍ୟ ସ୍ଥାନରେ ଏକ ନୂତନ ସେତୁ ନିର୍ମାଣ କରାଯାଉ।

**ସୟଦ ଅବଦୁଲ ଶିରାଜ**

## ହତ୍ୟା ଉଦ୍ୟମକାରୀଙ୍କୁ ସଶ୍ରମ କାରାଦଣ୍ଡ

**ବଲାଙ୍ଗିର, ୨୦।୨(ସମିସ):** ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ବିଚାରପତି କୁନମୁନ୍ ଆଚାରୀ ସହକାରୀ ଫୌଜଦାରୀ ଓ ବରିଷ୍ଠ ଦେୱାନି ଅଦାଲତ ଏଲଆରଏଣ୍ଡଏଲଟିଭି, ବଲାଙ୍ଗିର ସେସନ କେସ ନଂ.୭୬/୩୮ ସନ୍ ୧୯ ୯୫ ବିଚାର କରି ସାକ୍ଷ୍ୟମାନଙ୍କ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ସୁଦାମ ବିଶ୍ୱାଳ ଓ ସହଯୋଗୀ ରତନ ବିଶ୍ୱାଳଙ୍କୁ ଦୋଷୀ ସାବ୍ୟସ୍ତ କରି ଭାରତୀୟ ଦଣ୍ଡ ସଂହିତା ୩୨୬ ଓ ୩୦୭ ଉଭୟଙ୍କୁ ଉଭୟ ଧାରାରେ ତିନିବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ସହିତ ଏକ ହଜାର ଟଙ୍କା ଲେଖାଏଁ ଜରିମାନା ଅନାଦାୟରେ ଅଧିକ ଦୁଇମାସ ଲେଖାଏଁ ସଶ୍ରମ କାରାଦଣ୍ଡ ଭୋଗିବାକୁ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି।

ସୂଚନାଅନୁସାରେ ୨୦୧୫ ଜୁନ୍ ୩୦ରେ ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅଧୀନସ୍ଥ ଗୁର୍ଜିଭଟା ଗ୍ରାମର ସୁଦାମ ବିଶ୍ୱାଳ ତାଙ୍କ ସମ୍ପର୍କୀୟ ଭାଇ ରତନ ବିଶ୍ୱାଳ ମିଶି ଉକ୍ତ ଗ୍ରାମର ସଞ୍ଜୀବ ବିଶ୍ୱାଳଙ୍କୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଟାଙ୍ଗିଆରେ ହାଣି ଲହୁଲୁହାଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ସଞ୍ଜୀବକୁ ଲୋଇସିଂହା ଥାନା ଓ ପରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଆଣି ସ୍ୱାସ୍ଥ୍ୟ ସଂକଟାପୂର୍ଣ୍ଣ ହେବାରୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ। କ୍ଷତାକ୍ତ ସଞ୍ଜୀବର ଭାଇ ରଞ୍ଜିତ ବିଶ୍ୱାଳ ଆସି ଲୋଇସିଂହା ଥାନାରେ ଏତଲା ଦେଇଥିଲେ। ଉକ୍ତ ମକଦ୍ଦମା ସରକାରଙ୍କ ତରଫରୁ ବରିଷ୍ଠ ଓକିଲ ବୈଷ୍ଣବ ଚରଣ ସାହୁ ପରିଚାଳନା କରିଥିଲେ।

## ମହାଶିବରାତ୍ରି, ଚଉଷଠି ଯୋଗିନୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



**ବଙ୍ଗୋମୁଣ୍ଡା, ୨୦।୨( ସମିସ):** ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ସଭାଗୃହଠାରେ ରାଣୀପୁର ଝରିଆଲ ମହାଶିବରାତ୍ରି ମେଳା ଓ ଚଉଷଠି ଯୋଗିନୀ ମହୋତ୍ସବ ପାଳନ ପାଇଁ ରାଣୀପୁର ଝରିଆଲ ମନ୍ଦିର ଟ୍ରଷ୍ଟ ଏବଂ ପ୍ରଶାସନର ସମନ୍ୱୟ ବୈଠକ ବିଡିଓ ଶଙ୍କର୍ଷଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ତହସିଲଦାର ଜ୍ୟୋସ୍ନା ମାଝୀ, ଜିପିଡିଓ ପୁରୁଷୋତ୍ତମ ମାଝୀ, ସିଡିପିଓ ମାଧୁରୀ ହୋତା, ସିନ୍ଦେ୍ଧକେଲା ସମିତି ସଭ୍ୟ ଭୋଲାନାଥ ବେହେରା, ମନ୍ଦିର ଟ୍ରଷ୍ଟ କମିଟି ସଭାପତି ମାଣିକ ଚନ୍ଦ ଜୈନ, ଆବାହକ ଅନୀଲ କୁମାର ତ୍ରିପାଠୀ, ସମ୍ପାଦକ ଖିରସିନ୍ଧୁ ଭୋଇ, ଝରିଆଲ ସରପଞ୍ଚ ଭରଦ୍ୱାଜ ଗହୀର, ଠେମରା ସରପଞ୍ଚ ଲକ୍ଷ୍ମୀକାନ୍ତ ବାଗ, ମୁଣ୍ଡପଦର ସରପଞ୍ଚ ରାଧାକାନ୍ତ ବେହେରା, ମଞ୍ଜେସ ମେହେର, ଗୋପୀନାଥ ସାହୁ, ସାଂସଦ ପ୍ରତିନିଧି ଅନିଲ ନାଏକ, ଯୁବନେତା ଯୁବରାଜ ବାଗ, ଚାନ୍ଦୋତରା ସରପଞ୍ଚ ଜିତେନ ବଛା, ଜାମ ଖୁଣ୍ଟା ସରପଞ୍ଚ ଉଦ୍ଧବ ବେହେରା, ସଦାନନ୍ଦ ତାଣ୍ଡି, ଲମ୍ବୋଦର ବେହେରା, ହେମନ୍ତ ସାହୁ, କପିଲାଭଟା ସମିତି ସଭ୍ୟ କେଦାର ଭୋଇ, ମୁଣ୍ଡ ପଦର ସମିତି ନୀଳକଣ୍ଠ ବାରିକ, ଘାସିରାମ ସାହୁ, ଦ୍ରୋପଦ ବାରିକ, ସଞ୍ଜିବ ଛୁରା ପ୍ରମୁଖଙ୍କ ସହ କାର୍ଯ୍ୟକ୍ରମର ମିଡ଼ିଆ ପ୍ରଭାରୀ ସାମ୍ବାଦିକ ଅଶୋକ ଭୋଇ ଓ ହୁଲେଶ୍ୱର ହଂସ ଉପସ୍ଥିତ ଥିଲେ। ଶିବରାତ୍ରି ମେଳା ଫେବୃଆରୀ ୨୫ ରୁ ମାର୍ଚ୍ଚ ୩ ପର୍ଯ୍ୟନ୍ତ ଏବଂ ୬୪ ଯୋଗିନୀ ମହୋତ୍ସବ ଫେବୃଆରୀ ୨୬ ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ।

### ବିଧାନସଭାରେ ଉଠିଲା ଦେଓଗାଁ ଚିନିକଳ ଓ ଲାଠୋର ପିଲାବିକ୍ରି ପ୍ରସଙ୍ଗ

# ଚିନିକଳ ଉପରେ ୧୯ ୬ କୋଟି ଋଣଭାର, ମିଳୁନାହାନ୍ତି ନିଲାମଧାରୀ

**ବଲାଙ୍ଗିର, ୨୦।୨(ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁର ବନ୍ଦ ଚିନିକଳକୁ ଚଳାଇବା ଓ ଲାଠୋରର ପିଲାବିକ୍ରି ପ୍ରସଙ୍ଗ ବିଧାନସଭାରେ ଉଠିଛି। ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ ଏହି ପ୍ରସଙ୍ଗ ବିଧାନସଭାରେ ପ୍ରଶ୍ନ ଉଠାଇ ସରକାରଙ୍କଠାରୁ ସ୍ପଷ୍ଟିକରଣ ଚାହିଁଛନ୍ତି। ପିଲାବିକ୍ରି ପ୍ରସଙ୍ଗରେ ଗୃହବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଉତ୍ତର ରଖିଥିବାବେଳେ ଦେଓଗାଁର ବିଜୟାନନ୍ଦ ସମବାୟ ଚିନିକଳ ପ୍ରସଙ୍ଗରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଉତ୍ତର ରଖିଛନ୍ତି। ସମବାୟ ମନ୍ତ୍ରୀ ତାଙ୍କ ଉତ୍ତରରେ କହିଛନ୍ତି ଯେ, ଦେଓଗାଁ ଚିନିକଳ ଗତ ୨୦୧୪ ମସିହା ଏପ୍ରିଲ ମାସରୁ ବନ୍ଦ ପଡ଼ିଛି। ତେଣୁ ଏହି ଫ୍ୟାକ୍ଟ୍ରିର ୫୦% ମେସିନ ଅଚଳ ହୋଇସାରିଛି। ଜୁଲାଇ ୨୦୨୪ ସୁଦ୍ଧା ଏହାର ଋଣଭାର ୧୯ ୬ କୋଟି ଟଙ୍କା ହୋଇଛି ଓ ଏକ କୋର୍ଟନିର୍ଦ୍ଦେଶରେ ଗତ ୨୦୧୭ ମସିହାରୁ ଏହାକୁ ରାଜ୍ୟସମବାୟ ବ୍ୟାଙ୍କ ଏହାକୁ ଜବତ କରିଛି। ଏହି ଋଣଭାରକୁ ଭରଣା କରିବାକୁ ରାଜ୍ୟ ସମବାୟ ବ୍ୟାଙ୍କ ଚିନିକଳର ସମ୍ପତ୍ତିକୁ ନୀଲାମ କରିବାକୁ ୩ ଥର ନୀଲାମ ଡାକିଲାଣି। କିନ୍ତୁ ଏହାକୁ ନେବାକୁ ଜଣେ ମଧ୍ୟ ବିଡର ଆସି ନ ଥିବା ମନ୍ତ୍ରୀ ଉତ୍ତର ରଖିଛନ୍ତି। ତେବେ ବିଜୟାନନ୍ଦ ଚିନିକଳକୁ ସରକାରୀ ସ୍ତରରେ ଚଳାଯିବ କି ନାହିଁ ସେନେଇ ମନ୍ତ୍ରୀ କିଛିଁ ଉତ୍ତର ରଖିନାହାଁନ୍ତି। ଫଳରେ ଚିନିକଳଟି ଚାଲିବା ନେଇ ଆଶା କ୍ଷିଣ ହୋଇଛି। ସେପଟେ ରାଜ୍ୟରେ ଶିଶୁ ଓ ମହିଳାଚାଲାଣ ରୋକିବାକୁ ରାଜ୍ୟସରକାର କ'ଣ ପଦକ୍ଷେପ ନେଇଛନ୍ତି ଓ ମୁଖ୍ୟତଃ ଲାଠୋର ପିଲାବିକ୍ରି ପ୍ରସଙ୍ଗରେ ସରକାର କ'ଣ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି ବୋଲି ବଲାଙ୍ଗିର ବିଧାୟକ କଳିକେଶନାରାୟଣ ସିଂଦେଓ ପଚାରିଥିବା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଉତ୍ତର ରଖିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ରାଜ୍ୟରେ ଗତ ୨୦୨୩ ମସିହାରେ ୫୭ଟି ଓ ୨୦୨୪ ମସିହାରେ ୪୦ଟି ଶିଶୁଚାଲାଣ ମାମଲା ପଞ୍ଜିକୃତ ହୋଇଥିଲା। ବେଆଇନ ଶିଶୁ ଓ ମହିଳା ଚାଲାଣ ରୋକିବାକୁ ରାଜ୍ୟରେ ମୋଟ ୩୭ଟି ୟୁନିଟ କାମ କରୁଛି। ଲାଠୋର ନିକଟସ୍ଥ ସାନଗୁର୍ଜିଭଟା ପାଲିପଡ଼ାର ଏକ ନବଜାତ ଶିଶୁକୁ କଳାହାଣ୍ଡି ଜିଲ୍ଲାର ଜଣେ ଔଷଧ ବ୍ୟବସାୟୀଙ୍କ ପାଖରେ ବିକ୍ରି ହୋଇଥିବା ଅଭିଯୋଗ ହୋଇଥିଲା। ସିଡବ୍ଲୁସିର ଜଣେ ସଭ୍ୟାଙ୍କ ଅଭିଯୋଗ ଆଧାରରେ ଲାଠୋର ଥାନାରେ ମାମଲା ରୁଜୁ ହୋଇ ସୁନାମୁଦିର ଏଏନଏମ ମମତା ଭୋଇ, ମଦନପୁରର ବ୍ୟବସାୟୀ ରାଜକୁମାର ମିତ୍ତଲ, ଲାଠୋରର ଔଷଧ ବ୍ୟବସାୟୀ ଅଲୋକ ଅଗ୍ରୱାଲଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ମୁଖ୍ୟମନ୍ତ୍ରୀ ଉତ୍ତର ରଖିଛନ୍ତି। ତେବେ ରାଜ୍ୟରେ ବେଆଇନ ଶିଶୁଚାଲାଣକୁ ରୋକିବାକୁ ରାଜ୍ୟ ସରକାର ଯଥେଷ୍ଟ ପଦକ୍ଷେପ ଗ୍ରହଣ କରୁଥିବା ମୁଖ୍ୟମନ୍ତ୍ରୀ ଉତ୍ତର ରଖିଛନ୍ତି। ସେହିପରି ବଲାଙ୍ଗିର ସହରର ବସ୍ତିଅଞ୍ଚଳର ଲୋକଙ୍କୁ ଜମିପଟ୍ଟା ଓ ବସ୍ତିର ଭିତ୍ତିଭୂମୀ ନିର୍ମାଣ ପ୍ରସଙ୍ଗରେ ମଧ୍ୟ କଳିକେଶ ବିଧାନସଭାରେ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ ରାଜ୍ୟ ଗୃହ ଓ ନଗରଉନ୍ନୟନ ମନ୍ତ୍ରୀ ଡ.କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ, ବଲାଙ୍ଗିର ପୌରାଞ୍ଚଳରେ ଉଷା ସର୍ଭେ ଯୋଜନାରେ ୮, ୨୭୩ଟି ପରିବାରକୁ ଚିହ୍ନଟ କରାଯାଇ ସେମାନଙ୍କ ମଧ୍ୟରୁ ୧୬୧୦ଟି ପରିବାରକୁ ଏଲଆରସି ପ୍ରଦାନ କରାଯାଇଛି। ଅନ୍ୟମାନଙ୍କୁ ମଧ୍ୟ ଆଇନ ଅନୁଯାୟୀ ଏଲଆରସି ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ଉତ୍ତର ରଖିଛନ୍ତି।

# ଜାଗର ପାଇଁ ଚଳଚଞ୍ଚଳ କୁମ୍ଭକାର

ଗୋଲାମୁଣ୍ଡା, ୨୦।୨(ସମିସ): ୨୬ ତାରିଖରେ ମହାଶିବରାତ୍ରି ତଥା ଜାଗର। ଏହି ଉପଲକ୍ଷେ ଗୋଲାମୁଣ୍ଡା ବ୍ଲକର ସମସ୍ତ ଶୈବପୀଠରେ ଶ୍ରଦ୍ଧାଳୁ ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ଚରଣରେ ଦୀପ ପ୍ରଜ୍ୱଳନ କରିବେ। ରାତି ଉଜାଗର ରହି ଶିବରାତ୍ରି ପାଳନ କରିବେ। ଏହାକୁ ଦୃଷ୍ଟିରେ ରଖି ଗୋଲାମୁଣ୍ଡା ବ୍ଲକ ଅଧୀନ କୁମ୍ଭାରସାହିର କୁମ୍ଭକାର ସମ୍ପ୍ରଦାୟର ପୁରୁଷ ଓ ମହିଳାମାନେ ଦୀପ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। କୌଳିକ ବୃତ୍ତି ଭାବେ ଆଦରି ମାଟିର ଜିନିଷ ପ୍ରସ୍ତୁତ କରି ସମାଜରେ ବସବାସ କରୁଥିବା ଜନସାଧାରଣଙ୍କ ଆବଶ୍ୟକତାକୁ ପୂରଣ କରିବା ସହ ନିଜର ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ଦୈନନ୍ଦିନ ଜୀବନଯାପନ କ୍ଷେତ୍ରରେ ପୂର୍ବରୁ ମାଟି ପାତ୍ରର ଚାହିଦା ଖୁବ୍ ଅଧିକ ଥିଲା। ରନ୍ଧନ ପାଇଁ ଆବଶ୍ୟକ ମାଟି ପାତ୍ରର ଚାହିଦା ଖୁବ୍ ଅଧିକ ଥିଲା ଓ ରନ୍ଧନ ପାଇଁ ଆବଶ୍ୟକ ମାଟି ପାତ୍ରଠାରୁ ଆରମ୍ଭ କରି ପାଣି ରଖିବା ମାଠିଆ, ହାଣ୍ଡି, ଗ୍ରୀଷ୍ମ ଦିନରେ ପାଣି ଥଣ୍ଡା ରଖିବା ପାଇଁ ସୁରେଇ ପ୍ରସ୍ତୁତ କରି ଏହି କୁମ୍ଭକାର ପରିବାର ବେଶ୍ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ଦିନକୁ ଦିନ ମାନବ ସଭ୍ୟତାର ବିକାଶ ହେବାରୁ ଆରମ୍ଭ ହେଲା ଷ୍ଟିଲ୍‌ର ଯୁଗ। ଏହି ଷ୍ଟିଲ୍ ଯୁଗରେ ରନ୍ଧନ କାର୍ଯ୍ୟ ପାଇଁ ସାଧାରଣ ବ୍ୟକ୍ତି ମାଟି ପାତ୍ରକୁ ଭୁଲି ଯାଇ ରନ୍ଧନ କାର୍ଯ୍ୟଠାରୁ ଆରମ୍ଭ କରି ପାଣି ରଖିବା ଯାଏଁ, ଷ୍ଟିଲ ସାମଗ୍ରୀ ବ୍ୟବହାର କରିବା ଆରମ୍ଭ କରିଥିବା ଦେଖିବାକୁ ମିଳୁଛି। ଏଭଳି ପରିସ୍ଥିତରେ କୁମ୍ଭକାର ପରିବାର ବର୍ଗଙ୍କ ଦୈନନ୍ଦିନ ବୃତ୍ତି ସଙ୍କଟରେ ପଡ଼ିଛି। ତଥାପି କୁମ୍ଭକାରମାନେ ନିଜ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବା ପାଇଁ ଏବେ ବି ସଂଘର୍ଷ ଜାରି ରଖୁଛନ୍ତି। ପର୍ବପର୍ବାଣୀରେ କୁମ୍ଭକାରଙ୍କୁ ସାଧାରଣ ଜନତା ମନେ ପକାଇଥାନ୍ତି। ସେମାନଙ୍କଙ୍କ ଦ୍ୱାରା ପ୍ରସ୍ତୁତ କିଛି ଏମିତି ସାମଗ୍ରୀ ରହିଛି ଯାହା ଯାହା ପୂଜାରେ ଲାଗିବା ନୀତି ରହିଛି। ପଶ୍ଚିମ ଓଡ଼ିଶାର ଅଧିକାଂଶ ପର୍ବପର୍ବାଣୀରେ ମାଟି ହାଣ୍ଡିର ଆବଶ୍ୟକତା ପଡୁଥିବା ବେଳେ କେତେ ଗ୍ରାମାଞ୍ଚଳର ଲୋକେ ଏବେ ବି ଭାତ ରାନ୍ଧିବା ପାଇଁ ମାଟି ହାଣ୍ଡି ବ୍ୟବହାର କରୁଛନ୍ତି। ବର୍ଷସାରା ବେକାର ରହୁଥିବା କୁମ୍ଭକାରଙ୍କ ପାଇଁ ଅନ୍ୟତମ ମହାନ୍ ପର୍ବ ମହାଶିବରାତ୍ରି ଏକ ସୁଯୋଗ ସୃଷ୍ଟି କରେ। ମହାଶିବରାତ୍ରି ପର୍ବ ମାସକ ପୂର୍ବରୁ କୁମ୍ଭକାର ପରିବାରର ସମସ୍ତ ସଦସ୍ୟ ଦୀପ ତିଆରିରେ ଲାଗି ପଡ଼ିଥାନ୍ତି। ଗୋଲାମୁଣ୍ଡା ବ୍ଲକ ଅଧୀନ ଗୋଲାମୁଣ୍ଡା, ମାନଝରୀ, ଚପୁରିଆ ତଥା ଆଖପାଖ ଅଞ୍ଚଳରେ ରହୁଥିବା କୁମ୍ଭକାର ପରିବାର ଏବେ ଦୀପ ତିଆରିରେ ବ୍ୟସ୍ତ। ପୂର୍ବ ପୁରୁଷ ଅମଳରୁ ମାଟି ଜିନିଷ ପ୍ରସ୍ତୁତ କରିବାକୁ ବୃତ୍ତି ଭାବେ ଧରି ଆସିଥିବା କୁମ୍ଭକାର ପରିବାର ବର୍ଗଙ୍କ ପାଇଁ ସରକାର କୌଣସି ଯୋଜନା କାର୍ଯ୍ୟକାରୀ କରି ନ ଥିବାରୁ ଏହି ବୃତ୍ତି ଆଗାମୀ ଦିନରେ ଲୋପ ପାଇବା ଆଶଙ୍କାକୁ ଏଡାଇ ହେବ ନାହିଁ।

# ରାସ୍ତା ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଫେରାଦ





- ଦୁଇ ବର୍ଷ ହେଲା ରାସ୍ତା କାମ ବନ୍ଦ
- ଟ୍ରାଫିକ ସମସ୍ୟା ସହ ରାସ୍ତାରେ ଭାସୁଛି ନର୍ଦ୍ଦମା ପାଣି

ଲାଞ୍ଜିଗଡ଼, ୨୦।୨ (ସମିସ):

ଲାଞ୍ଜିଗର ସହର ମୁଖ୍ୟ ରାସ୍ତାଟି ଅଣଓସାରିଆ ହୋଇ ରହିଛି। ଏହାକୁ ନେଇ ଟ୍ରାଫିକ ସମସ୍ୟା ଦେଖା ଦେଇଛି। ରାସ୍ତାର ଟେଣ୍ଡର ପାଇ ମଧ ୨ ବର୍ଷ ହେଲା ଠିକାଦାର ରାସ୍ତା କାମ ବନ୍ଦ କରିଦେଇଛନ୍ତି। ଏହି ସମସ୍ୟା ନେଇ ଲାଞ୍ଜିଗଡ଼ବାସୀ ଜିଲ୍ଲାପାଳଙ୍କୁ ଭେଟିଛନ୍ତି।

ଲାଞ୍ଜିଗଡ଼ ଅଞ୍ଚଳବାସୀଙ୍କ ବାରମ୍ବାର ଦାବିପରେ ପୂର୍ତ୍ତ ବିଭାଗ ୨୦୧୭-୧୮ ମସିହାରେ ଏହି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରିଥିଲା। ପ୍ରଥମ ପର୍ଯ୍ୟାୟରେ ପୋଖରୀବନ୍ଧ ଛକଠାରୁ ଲାଞ୍ଜିଗଡ଼ ଟାଙ୍ଗନକଣା ଛକ ପର୍ଯ୍ୟନ୍ତ ୧୮ କିମି ରାସ୍ତାକାମ ୧୦।୧।୨୦୧୯ରେ ଆରମ୍ଭ ହୋଇ ୧୦।୬।୨୦୧୯ରେ ସରିଥିଲା; ମାତ୍ର ଟାଙ୍ଗନକଣା ଛକରୁ ଲାଞ୍ଜିଗଡ଼ ରାଜାପଡ଼ା ପର୍ଯ୍ୟନ୍ତ ଅବଶିଷ୍ଟ ୩ କିମି ରାସ୍ତାକାମ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ। ୨୦୨୩ ଜାନୁଆରୀରେ ଅବଶିଷ୍ଟ ରାସ୍ତାକାମ ଆରମ୍ଭ ହୋଇ ଲାଞ୍ଜିଗଡ଼ ସହର ଖେଳପଡ଼ିଆ ପର୍ଯ୍ୟନ୍ତ ୨ କିମି ପହଞ୍ଚିଛି; ହେଲେ ଅବଶିଷ୍ଟ ୧ କିମି ଲାଞ୍ଜିଗଡ଼ ସହରରେ ଥିବା ମୁଖ୍ୟ ରାସ୍ତାକାମ ବର୍ଷ ବର୍ଷ ଧରି ବନ୍ଦ ରହିଛି। ବର୍ତ୍ତମାନ ଏହି ରାସ୍ତାଟି ଅଣଓସାରିଆ ହୋଇ ରହିଛି। ସହର ମୁଖ୍ୟ ରାସ୍ତାରେ ଦିନତମାମ ଶତାଧିକ ଭାରୀଯାନ ଯାତାୟାତ କରୁଛି। ରାସ୍ତାର ଦୁଇପାର୍ଶ୍ୱକୁ ଉଠା ଦୋକାନୀ କବ୍‌ଜା କରିଛନ୍ତି। ଚାଟ୍, ଗୁପଚୁପ ଓ ଫାଷ୍ଟଫୁଡ୍ ଦୋକାନ ରହିଛି। ଏହାଫଳରେ ରାସ୍ତାରେ ଲୋକଙ୍କ ବାଇକ୍ ରଖିବା ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ତା'ଛଡ଼ା ବର୍ଷ ବର୍ଷ ଧରି ରାସ୍ତାରେ ପୂତିଗନ୍ଧମୟ ନର୍ଦ୍ଦମା ପାଣି ବୋହୁଛି। ତେଣୁ ମୁଖ୍ୟ ରାସ୍ତାରେ ଯାତାୟାତରେ ସମସ୍ୟା ଦେଖା ଦେଇଛି। ଏହି ରାସ୍ତାଟି ପ୍ରାଥମିକ ବିଦ୍ୟାଳୟ, ଡାକ୍ତରଖାନା, ଥାନା, ହାଇସ୍କୁଲ, ବ୍ୟାଙ୍କ ଓ ପୋଷ୍ଟ ଅଫିସକୁ ସଂଯୋଗ କରୁଛି। ଏଣୁ ପଥଚାରୀଙ୍କ ଉପରେ ନର୍ଦ୍ଦମା ଜଳ ଚିଡିକି ଅଭାବନୀୟ ପରିସ୍ଥିତି ଉପୁଜୁଛି। ଏହା ଫଳରେ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ବାରମ୍ବାର ଟ୍ରାଫିକ ସମସ୍ୟା ଦେଖାଦେଉଛି।

ଶେଷରେ ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆଙ୍କ ନେତୃତ୍ୱରେ ଲାଞ୍ଜିଗଡ଼ବାସୀ କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କୁ ଭେଟିଛନ୍ତି। ଲାଞ୍ଜିଗଡ଼ ସହର ରାସ୍ତା ସମ୍ପ୍ରସାରଣକୁ ନେଇ ଅଭିଯୋଗ କରିଛନ୍ତି। ଲାଞ୍ଜିଗଡ଼ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରାଜେନ୍ଦ୍ର ପ୍ରତାପ ସିଂ ଦେଓ, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ, ବସନ୍ତପଡ଼ା ସରପଞ୍ଚ ଟାଙ୍କେର ମାଝୀ, ଜଗନ୍ନାଥପୁର ସରପଞ୍ଚ ମୁଗାନଓ ମାଝୀ ଓ ସମିତି ସଭ୍ୟ ପ୍ରଦୀପ ମାଝୀ, ଶ୍ରୀମୁଖ ଅଗସ୍ତି, ପରମାନନ୍ଦ ନାଏକ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସେନାପତି ନାଏକ, ଶିଶିର ପୂଜାରୀ, ବରିଷ୍ଠ ସମାଜସେବୀ ତ୍ରିନାଥ ମହାଖୁଡ ଓ ଗଙ୍ଗାଧର ମହାଖୁଡ଼, ଲକ୍ଷ୍ମୀଧର ଚଣ୍ଡୀ, ଚନ୍ଦ୍ରଚୁଡ ମହାଖୁଡ଼ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟିଥିଲେ।

# ଦିବ୍ୟାଙ୍ଗଙ୍କୁ ୟୁଏଆଇଏଲ୍ ଖଣି ପ୍ରକଳ୍ପର ସହଯୋଗ




ଭବାନୀପାଟଣା, ୨୦।୨(ସମିସ): ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲାର ଏକ ସହଯୋଗୀ କମ୍ପାନୀ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସାହାଯ୍ୟର ହାତ ବଢ଼ାଇଛି। ଏହି କ୍ରମରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଚିହ୍ନଟ ସହ ସେମାନଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଛି। ରାୟଗଡ଼ା ଜିଲ୍ଲା ଟିକିରି ଅଧୀନ ଦୋରଗୁଡ଼ାସ୍ଥିତ ଉତ୍କଳ ଆଲୁମିନା ଖଣି ପ୍ରକଳ୍ପ ତରଫରୁ ସାମାଜିକ ଦାୟିତ୍ୱବୋଧ ଅଭିଯାନ ଅଧୀନରେ ଦୁଇଦିନିଆ ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁରସ୍ଥିତ ବ୍ଲକ କାର୍ଯ୍ୟାଳୟ ଏବଂ କାଶିପୁର ବ୍ଲକ ଟିକିରି ଡୋରଗୁଡାସ୍ଥିତ କ୍ଲବ ହାଉସରେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ନେଇ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୋଟ ୮୦ ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ପୂର୍ବରୁ ଆୟୋଜିତ ସ୍ୱାସ୍ଥ୍ୟ କ୍ୟାମ୍ପରେ ଚିହ୍ନଟ କରାଯିବା ପରେ ସେମାନଙ୍କୁ ବିଭିନ୍ନ ଜୀବନ ରକ୍ଷାକାରୀ ଉପକରଣ ପ୍ରଦାନ କରାଯାଇଛି। ଆଶାବାଡି, ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଗମନାଗମନ ସୁଗମ ସକାଶେ ହ୍ୱିଲ୍ ଚେୟାର ଇତ୍ୟାଦି ପ୍ରଦାନ ହୋଇଛି। ଏହି କାର୍ଯ୍ୟକ୍ରମ କମ୍ପାନୀ ଖଣି ପ୍ରକଳ୍ପ ଅଧୀନରେ ସ୍ୱାବଲମ୍ବନ ଯୋଜନା ଅଧୀନ କାର୍ଯ୍ୟକାରୀ ହୋଇଛି ବୋଲି ଖଣି ସିଏସଆର ମୁଖ୍ୟ ନିହାରିକା ସାହୁ ସୂଚନା ଦେଇଛନ୍ତି। କଳାହାଣ୍ଡି ଜିଲ୍ଲା ଖଣିଜ ପାଣ୍ଠି ସମନ୍ୱୟ ଅଧିକାରୀ ପ୍ରଶାନ୍ତ ମିଶ୍ର, ଥୁଆମୁଲ ରାମପୁର ବିଡିଓ ଧ୍ରୁବ ଚରଣ ମୁଦୁଲିଙ୍କ ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ ପରାମର୍ଶ ଶିବିର



କଳମପୁର, ୨୦।୨ (ସମିସ): କଳମପୁର ପଞ୍ଚାୟତ ସମିତି ଏସଜେଏସୱାଇ ସଭାଗୃହରେ ବ୍ଲକସ୍ତରୀୟ ପରାମର୍ଶ ଶିବିର ଆୟୋଜିତ ହୋଇଯାଇଛି। ତେବେ ପ୍ରଚାର ପ୍ରସାର ଅଭାବରୁ ବେକାର ଅନେକ ଯୁବକଯୁବତୀମାନେ ଏଭଳି କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇ ପାରି ନ ଥିଲେ। ବିପିଏମ ରିଜାନୁୟସ ଏକ୍କାଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ବିଡିଓ ବିଜୟ ମାଣ୍ଡାଙ୍ଗି ଉପସ୍ଥିତ ଥିଲେ। ୭ଟି ସଂସ୍ଥା ଏହି ପରାମର୍ଶ ଶିବିରରେ ଯୋଗ ଦେଇଥିଲେ।

# ରଇନଗୁଡ଼ା ସୋରିପଡ଼ାରେ ଜଳ ସଙ୍କଟ

ଧର୍ମଗଡ଼, ୨୦।୨(ସମିସ): ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଯାଇଛି। ଦିନକୁ ଦିନ ଏହାର ପ୍ରଭାବ ବଢ଼ିବାରେ ଲାଗିଛି; ହେଲେ ଆରମ୍ଭରୁ ଏବେ ବିଭିନ୍ନ ସ୍ଥାନରେ ଜଳ ସଙ୍କଟ ଉପୁଜିଥିବା ନଜରକୁ ଆସିଛି। ଧର୍ମଗଡ଼ ବ୍ଲକ ଜୟନ୍ତପୁର ପଞ୍ଚାୟତ ରଇନଗୁଡା ସୋରିପଡ଼ାରେ ଟୋପାଏ ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ଆଖିଠାର। କେବେ ଯାନ୍ତ୍ରିଂଶ ତ୍ରୁଟି ତ କେବେ ଅଚଳାବସ୍ଥା। ଏହି ବସୁଧା ଯୋଜନାରୁ ସିଧାସଳଖ ଭାବେ ସୋରିପଡ଼ାକୁ ଜଳ ଯୋଗାଣ କରିବାକୁ ପାଇପ୍ ପଡ଼ି ପଏଣ୍ଟ ଦିଆଯାଇଛି; ହେଲେ ବସୁଧା ଯୋଜନା ଆରମ୍ଭ ଦିନଠୁ ଲୋକେ ପାଣି ଟୋପାଏ ପାଇଁ ପାରିନାହାନ୍ତି। ନିମ୍ନମାନ କାମ ଓ ନିମ୍ନମାନ ସାମଗ୍ରୀ ସଂଯୋଗ ସମେତ ବିଭାଗୀୟ ଯନ୍ତ୍ରୀଙ୍କ ତ୍ରୁଟିପୂର୍ଣ୍ଣ ପ୍ଲାନିଂ ଯୋଗୁଁ



ରଇନଗୁଡା ଗାଁ ପଶ୍ଚିମରେ ସୋରିପଡ଼ା ଅବସ୍ଥିତ ରହିଥିବା ବେଳେ ୧୦-୧୨ପରିବାର ଏଠାରେ ବସବାସ କରି ରହୁଛନ୍ତି। କେବଳ ଗୋଟିଏ ସରକାରୀ ନଳକୂପ ଏଠାରେ ରହିଛି; ହେଲେ ବହୁକଷ୍ଟରେ ଟୋପାଏ ପାଣି ବାହାରିଥାଏ। ଏହିପଡ଼ାବାସୀ ବହୁ ସମୟରେ ପାଖରେ ଥିବା ନାଳରେ ବାଲିଚୁଆ ଖୋଲି ପାଣି ଆଣିଥାନ୍ତି। ସେହି ପାଣି ବ୍ୟବହାର କରି ଅନେକ ଲୋକ ବିଭିନ୍ନ ରୋଗର ଶିକାର ସାଜୁଥିବା କୁହାଯାଏ। ଅନ୍ୟପଟେ ରଇନଗୁଡରେ ବସୁଧା ଯୋଜନା ନିର୍ମାଣ ହୋଇଛି ସତ; ହେଲେ ଏହା ଧର୍ମକୁ ପାଣି ଆସୁ ନ ଥିବା ଲୋକେ ଅଭିଯୋଗ କରନ୍ତି। ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ଆରମ୍ଭ ହେଲାଣି। ଏବେଠୁ ପଡ଼ାରେ ଜଳ ସଙ୍କଟ ଦେଖାଗଲାଣି। ଆଗକୁ ଘୋର ଜଳାଭାବ ଦେଖାଯିବା ଜଳ ଜଳ ଦିଶୁଛି। ଏହାକୁ ଦୃଷ୍ଟିରେ ରଖି ଧର୍ମଗଡ଼ ଜଳ ଯୋଗାଣ ବିଭାଗ ଯୁଦ୍ଧ କାଳୀନ ଭିତ୍ତିରେ ବ୍ୟବସ୍ଥା କରିବାକୁ ଲୋକେ ଦାବି କରିଛନ୍ତି। ତେବେ ଏ ନେଇ ଧର୍ମଗଡ଼ ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀ ସରୋଜ ରଞ୍ଜନ ମାଝୀଙ୍କୁ ପଚାରିବାରୁ ଖୁବ୍ ଜଲଦି ଜଳ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ।

- ଏମିତି ଚାଲିଛି ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ବ୍ୟବହାର ହୋଇପାରୁନି ଅତ୍ୟାଧୁନିକ ଯନ୍ତ୍ରପାତି

ଧର୍ମଗଡ଼, ୨୦।୨(ସମିସ): ସରକାର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ଗୁରୁତ୍ୱ ଦେଉଛନ୍ତି; ହେଲେ ଧର୍ମଗଡ଼ ବ୍ଲକ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ବୈମାତୃ ଭାବ ପୋଷଣ କରାଯାଇଛି। ପର୍ଲା ଡାକ୍ତରଖାନା ଇତି ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ପାଇଁ ସାରିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମ ଅନୁଯାୟୀ ମୁଖ୍ୟତଃ ୪ଜଣ ବିଶେଷଜ୍ଞ ସମେତ ୧୧ଜଣ ସାଧାରଣ ଡାକ୍ତର ନିଯୁକ୍ତି ଦେବା ବ୍ୟବସ୍ଥା ରହିଛି; କିନ୍ତୁ ପର୍ଲା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ସଦା ଅବହେଳା କରାଯାଉଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତିକମ୍‌ରେ ଜଣେ ମେଡ଼ିସିନ ବିଶେଷଜ୍ଞ ସମେତ ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ ଓ ଶୈଲ୍ୟ ରୋଗ ବିଶେଷଜ୍ଞ ସହ ଏମବିବିଏସ ଡାକ୍ତର ନିଯୁକ୍ତି ଦେବା ବ୍ୟବସ୍ଥା ରହିଛି। ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ମୂଳରୁ ବିଶେଷଜ୍ଞ ଡାକ୍ତର ସାତ ସପନ ପାଲଟିଛି। ସାଧାରଣ ଭାବେ ଗ୍ରାମାଞ୍ଚଳ ମହିଳା, ଶିଶୁ ଗର୍ଭବତୀ ପ୍ରସୂତିଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସରକାର ପ୍ରୟାସ କରୁଥିବା ବେଳେ ଏଥିପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଗାଇ ଦିଆଯାଇଛି। ବିଶେଷଜ୍ଞ ଅଭାବରୁ ତାହା ଖତ ଖାଉଥିବା ଆଲୋଚନା ହେଉଛି। ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଛତିଶଗଡ଼, ନବରଙ୍ଗପୁର ସମେତ ପ୍ରାୟ ୧୪ଟି ପଞ୍ଚାୟତର ଲୋକ ନିର୍ଭର କରିଥାନ୍ତି। ବିଶେଷ ଭାବେ ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏକ ମାତ୍ର ଅଞ୍ଚଳର ସାହା ଭରସା; ହେଲେ ଏଠି ସ୍ତ୍ରୀ ରୋଗ ବିଶେଷଜ୍ଞ ଅଭାବରୁ ରୋଗୀ ଅସୁବିଧାରେ ସମ୍ମୁଖୀନ ହେଉଥିବା ନଜର ରହିଛି। ସରକାର ବିଶେଷ ଭାବେ ମହିଳାମାନଙ୍କୁ ତ୍ୱରାନ୍ୱିତ ସେବା ଯୋଗାଇବାକୁ ଅନେକ ବ୍ୟବସ୍ଥା ହାତକୁ ନେଇଛନ୍ତି। ୨୦୨୩ -୨୦୨୪ମସିହାରେ ମୋଟ ୭୭୦ଜଣ ଗର୍ଭବତୀ ମହିଳା ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ୬୮୧ଜଣ ମହିଳା ସାଧାରଣ ଭାବେ ପ୍ରସବ ହୋଇଛନ୍ତି। ୮୯ଜଣଙ୍କୁ ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ୨୦୨୪ରୁ ବର୍ତ୍ତମାନ ଯାଏ ୪୮୯ ପ୍ରସବ ହୋଇଥିବା ବେଳେ ୭୪ଜଣଙ୍କୁ ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତେବେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବରୁ ଏଠାରୁ ରୋଗୀକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ବର୍ତ୍ତମାନ ସରକାର ସ୍ୱାସ୍ଥ୍ୟକ୍ଷେତ୍ରକୁ ପ୍ରାଧାନ୍ୟ ଦେଉଛନ୍ତି; ହେଲେ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି କିନ୍ତୁ ଆଖି ବୁଜି ଦେଇଛନ୍ତି।

- ବିଶେଷଜ୍ଞ ଡାକ୍ତର ଅଭାବ

# ପାହାଡ଼ ପୋଛିନେଲେଣି ପଥର ମାଫିଆ





- ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି
- ସୀମା ଟପିଲାଣି ପ୍ରଦୂଷଣ

ଜୟପାଟଣା, ୨୦।୨(ସମିସ):

ଜୟପାଟଣା ଅଞ୍ଚଳରେ କ୍ରସର ମାଲିକ ସରକାରୀ ନିୟମକୁ ଖାତିର କରୁନାହାନ୍ତି। ଦିନ ରାତି ବେଆଇନ ଭାବରେ ପଥର ବ୍ଲାଷ୍ଟିଂ ଚାଲିଛି। ଏହାଦ୍ୱାରା ପ୍ରଚଣ୍ଡ ଶବ୍ଦ ହେଉଛି। ଏଣୁ ଲୋକେ ଆତଙ୍କିତ ହୋଇ ପଡୁଛନ୍ତି। ଯେତେ ଅଭିଯୋଗ କଲେ ମଧ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଓ ପ୍ରଶାସନ ଶୁଣୁନି। କଳାହାଣ୍ଡି ଜିଲ୍ଲା ଜୟପାଟଣା ଓ କୋକସରା ବ୍ଲକର ସୀମାନ୍ତ ପାହାଡ଼ଗୁଡ଼ିକରେ ଦିନକୁ ମେଟ୍ରିକ ମେଟ୍ରିକ ଟନ୍ ପଥର ଉଠାଣ ହେଉଛି; କିନ୍ତୁ କେବଳ ଜରିମାନା କାଟି ଓଡ଼ିଶା ଖଣି ବିଭାଗ ସବୁ କାମ ସାରି ଦେଉଛି। ଦିନ ରାତି ଡିନାମାଇଟ ଫୁଟିବାର ଶବ୍ଦରେ ସ୍ଥାନୀୟ ମତୁଆଲଗୁଡା, ଜଲତାମୁଣ୍ଡା ଏବଂ କୋକସରା ବ୍ଲକର କାସିବାହାଲ ଗାଁ ଥରହର ହେଉଛି। କ୍ଷଣିକରେ ଛିନଛତ୍ର ହୋଇଯାଉଛି ବିଶାଳକାୟ ପଥର। ବ୍ଲାଷ୍ଟିଂର ପ୍ରଭାବ ଏତେ ଭୟଙ୍କର ରହୁଛି ଯେ କ୍ରସର ପାଖଆଖ ଅଞ୍ଚଳରେ ଥିବା ଘରର କାନ୍ଥ ସବୁ ଫାଟିଯାଉଛି। ଅନ୍ୟପଟେ ଅଞ୍ଚଳରେ ଥିବା ୩ରୁ ଅଧିକ କ୍ରସରରୁ ଶହ ଶହ ଚିପ୍ସ ଓ ମେଟାଲ ବୋଝେଇ ହାଇୱା ଚଳାଚଳ ଯୋଗୁଁ ରାସ୍ତା ମରଣଯନ୍ତା ପାଲଟିଛି। ଖାଲି ସେତିକି ନୁହେଁ; କ୍ରସରର ଧୂଳି ଯୋଗୁଁ ଲୋକଙ୍କ ସ୍ୱାସ୍ଥ୍ୟ ଖରାପ ହେବା ସହ ସ୍ଥାନୀୟ ଚାଷ ଜମି ଆଉ ଚାଷ ଉପଯୋଗି ହୋଇପାରୁନାହିଁ। ଉର୍ବରତା କମିଯାଉଥିବାରୁ ଗୋଚର ଜମିରେ ଘାଷ ମଧ ଠିକ ଭାବେ ବଢ଼ି ପାରୁନି। ଏଣୁ ଗାଈଗୋରୁଙ୍କୁ ମଧ ଖାଦ୍ୟ ମିଳି ପାରୁନାହିଁ। ସରକାରୀ ନୀୟମ ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମ ଅନୁସାରେ ଜନ ବସତି ଅଞ୍ଚଳରେ କ୍ରସର ୟୁନିଟ୍ ନ ବସିବା କଥା। ସେହିଭଳି ଡିନାମାଇଟ ଓ ଜିଲୋଟିନ୍ ବ୍ଲାଷ୍ଟ କରି ପାହାଡରୁ ପଥର ଫଟାଇବାର ଅନୁମତି ନାହିଁ; କିନ୍ତୁ ଏହି ନିୟମକୁ ବେଖାତିର କରା ଯାଉଛି। କ୍ରସର ମାଲିକ ଖଣି ବିଭାଗ ସହ ସଲାସୁତୁରା କରୁଛନ୍ତି। ସ୍ଥାନୀୟ ଡୋକରୀ ପାହାଡକୁ ଲିଜ୍ ନେଇଥିବା ବ୍ୟକ୍ତି ଅନୁମତିଠାରୁ ଅଧବକ ପଥର ଖନନ କରୁଛନ୍ତି। ବେଧଡକ ଭାବରେ କ୍ରସର ଚଲାଇ ଅଧିକ ଉତ୍ପାଦନ କରିବା ସହ ସରକାରଙ୍କ ରାଜସ୍ୱ ହାନି କରୁଛନ୍ତି। କେଉଁ ମାଲିକଙ୍କୁ କେତେ ବର୍ଷ ପାଇ ଲିଜ୍ ଦିଆଯାଇଛି, ସେ କେତେ ଉତ୍ପାଦନ କରିସାରିଛନ୍ତି ଓ କେତେ ଟଙ୍କା ସରକାରଙ୍କୁ ବାର୍ଷିକ ରାଜସ୍ୱ ଦେଉଛନ୍ତି ତାହାର ଠିକ ତଥ୍ୟ କାହା ପାଖରେ ନାହିଁ। ଏହାର ତଦନ୍ତ କରାଯାଇ ମନଇଚ୍ଛା ବ୍ଲାଷ୍ଟିଂ ରୋକିବା ଆବଶ୍ୟକ। କ୍ରସର ମାଲିକମାନଙ୍କ ଉପରେ ଲଗାମ ନ ଲଗାଗଲେ ଡୋକରି ପାହାଡ ଅସ୍ତିତ୍ୱ ହରାଇବ। ଜନ ଜୀବନ ହାନି ଘଟିବାର ଆଶଙ୍କା ରହିଛି। ୬ ଟଙ୍କାର ଲିଜ୍ ଆଣି ୯ ଟଙ୍କାର ପଥର ଉଠାଇ ନେଉଛନ୍ତି ପଥର ମାଫିଆ। କିନ୍ତୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉନି। କାଶିବହାଲ ସି କ୍ୱାରିରେ ୨୩, ୬୦୬ ଓ ଇ କ୍ୱାରିରେ ୧୩, ୦୫୪ କ୍ୟୁବିକ ମିଟର ଅଧିକ ପଥର ଖନନ କରାଯାଇଛି; କିନ୍ତୁ ଏ ଦିଗରେ କେବଳ ଫାଇନ ଛଡା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଅନ୍ୟପକ୍ଷର ପ୍ରଦୂଷଣ କଥା ନ କହିବା ଭଲ। ଲଗାତାର ଭାବରେ ଅଞ୍ଚଳରେ ବାୟୁ, ଜଳ ଓ ମୃତ୍ତିକା ପ୍ରଦୂଷଣ ବୃଦ୍ଧି ହେଉଛି। ଆଗକୁ ଏହା ଭୟଭ୍‌କର ପରିସ୍ଥିତି ସୃଷ୍ଟି କରିବ। ଏବେଠୁ ଏହା ଜଳ ଜଳ ଦିଶୁଛି।

# ସାମୟିକ କଳା ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ଦାବି

ନୂଆପଡ଼ା, ୨୦।୨(ସମିସ): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଗତ ୨୦୧୩ ମସିହାରେ କଳା (ଭିଜୁଆଲ ଆର୍ଟ, ପରଫରମିଙ୍ଗ ଆର୍ଟ) ଓ ସାମୟିକ କ୍ରୀଡ଼ା ପ୍ରଶିକ୍ଷକ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ଅଦ୍ୟାବଧି ନିୟମିତ କରାଯାଇନଥିବାରୁ ସଂଘ ତରଫରୁ ଜିଲ୍ଲାପାଳଙ୍କ ମାଧମରେ ଦାବି ପତ୍ର ପ୍ରଦାନ କରାଯାଇଛି।ପ୍ରକାଶ ଯେ ତତ୍କାଳୀନ ସରକାରଙ୍କ ବିଜ୍ଞାପନକୁ ଆଧାରକରି ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିବା ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଆବେଦନ କରି ରାଜ୍ୟର ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ନିଯୁକ୍ତି ପାଇଥିଲେ। ସାରା ଓଡ଼ିଶାରେ ନିଯୁକ୍ତି ପାଇଥିବା ସାମୟିକ ପ୍ରଶିକ୍ଷକଙ୍କୁ ନେଇ ୨୦୧୩ ମସିହାରେ କଳା ଓ କ୍ରୀଡା ଶିକ୍ଷକ ସଂଘ ନାମରେ ସଂଘ ଗଢି ଉଠିଥିଲା। ନିଯୁକ୍ତି ପାଇଥିବା ସାମୟିକ ପ୍ରଶିକ୍ଷକମାନେ ନିଃସ୍ୱାର୍ଥପର ଭାବରେ ନିଜର କାର୍ଯ୍ୟକୁ ସୁଚାରୁ ରୂପେ ପାଳନ କରି ଆସୁଥିବା ବେଳେ ପ୍ରତ୍ୟେକ ମୁହୂର୍ତ୍ତରେ ଅବହେଳାର ଶିକାର ହୋଇଆସୁଥିବା ଅଭିଯୋଗ ହୋଇଛି।ମାସିକ ବେତନ ମାତ୍ର ୭.୭୮୮ଟଙ୍କା ଦିଆଯାଉଥିବାରୁ ଆର୍ଥିକ ଓ ମାନସିକ ଯନ୍ତ୍ରଣାର ଶିକାର ହୋଇଆସୁଛନ୍ତି।ଏହା ଉପରେ ହସ୍ତକ୍ଷେପ କରି ତୁରନ୍ତ ନିୟମିତକରଣ ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଛି।ଏହାକୁ ନେଇ ଜିଲ୍ଲା ଶାଖା ସଭାପତି ଥବିର ଭୋଇ, ସମ୍ପାଦକ ଦେଓ କୁମାର ସତନାମୀଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।



## ଆଜିଠୁ ଦଶମ ବୋର୍ଡ ପରୀକ୍ଷା

# ବୌଦ୍ଧରେ ଏଥର ୬୫୩୯ ପରୀକ୍ଷାର୍ଥୀ

ବୌଦ୍ଧ, ୨୦।୨(ସମିସ):

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେଉଛି। ଏଥିପାଇଁ ବୌଦ୍ଧ ଜିଲ୍ଲାରେ ୩୩ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଏହିସବୁ କେନ୍ଦ୍ରରେ ୬୫୩୯ ଛାତ୍ରଛାତ୍ରୀ ପରୀକ୍ଷା ଦେବେ।

ଜିଲ୍ଲାର ସମସ୍ତ ମାଟ୍ରିକ ପରୀକ୍ଷା କେନ୍ଦ୍ର ପାଇଁ ୩ଟି ନୋଡ଼ାଲ ସେଣ୍ଟର ହୋଇଛି। ନୋଡ଼ାଲ୍ ସେଣ୍ଟରରୁ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ସ୍ଥାନାନ୍ତର ପାଇଁ ୮ ଟି ଡେସପାଚ ଟିମ୍ ନିୟୋଜିତ ହେବେ। ଅନ୍ୟପକ୍ଷେ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇଛି। ୩ ନୋଡ଼ାଲ ସେଣ୍ଟର ଏବଂ ୩୩ଟି ପରୀକ୍ଷା କେନ୍ଦ୍ରରେ ସିସିଟିଭି ମାଧ୍ୟମରେ ପରୀକ୍ଷା ପରିଚାଳନାର ସିଧାପ୍ରସାରଣ ବ୍ୟବସ୍ଥା ହୋଇଛି। ଏଥିସହ ପାନୀୟଜଳ, ଓଆର୍‌ଏସ୍, ପଙ୍ଖା, ବାଳକ ବାଳିକା ପରୀକ୍ଷାର୍ଥୀଙ୍କ ପାଇଁ ଭିନ୍ନ ଭିନ୍ନ ଶୌଚାଳୟ ବ୍ୟବସ୍ଥା କରାଯାଇଛି। ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍, ସ୍ମାର୍ଟ ୱାଚ ନିଷେଧ କରାଯାଇଛି। ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର କୋଠରିର ବ୍ୟବସ୍ଥା ହୋଇଛି। ହଠାତ ଅସୁସ୍ଥତା ସକାଶେ ସମସ୍ତ ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀଙ୍କ ସ୍ୱତନ୍ତ୍ର ବିଶ୍ରାମ କକ୍ଷ ବ୍ୟବସ୍ଥା ହୋଇଛି।




ବୌଦ୍ଧ ଜିଲ୍ଲାରେ ଚାଲିଥିବା +୨ ପରୀକ୍ଷା ଓ ୨୧ ତାରିଖଠାରୁ ଆରମ୍ଭ ହେବାକୁ ଥିବା ମାଟ୍ରିକ ପରୀକ୍ଷା ପାଇଁ ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାପାଳ ସୁବ୍ରତ ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। +୨ କଳାରେ ୧୫ ଟି ପରୀକ୍ଷା କେନ୍ଦ୍ରରେ ୩୭୩୩ ଛାତ୍ରଛାତ୍ରୀ ଓ ବିଜ୍ଞାନର ଦୁଇଟି ପରୀକ୍ଷା କେନ୍ଦ୍ରରେ ୧୪୧ ଜଣ ଓ ବାଣିଜ୍ୟରେ ୧୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ପରୀକ୍ଷା ବ୍ୟବସ୍ଥାକୁ ତଦାରଖ ପାଇଁ ୧୫ ପର୍ଯ୍ୟବେକ୍ଷକ ନିଯୁକ୍ତି କରା ଯାଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି।

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ପ୍ରବୀଣ ବାଣୁଆ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ରିତାକାନ୍ତି ବଳିୟାର ସିଂହଙ୍କ ସମେତ +୨ ପରୀକ୍ଷା ପାଇଁ ବୋର୍ଡ ଦ୍ୱାରା ନିଯୁକ୍ତ ସେଣ୍ଟ୍ରାଲ ସ୍କ୍ୱାଡ୍ ସଦସ୍ୟ ଉପସ୍ଥିତ ଥିଲେ।

### ଘଣ୍ଟାପଡ଼ା ଜୋନ୍‌ର ୩ କେନ୍ଦ୍ରରେ ୯୭୯ ପରୀକ୍ଷାର୍ଥୀ

ଶଗଡ଼ା: ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ଜୋନର ୮ଟି ହାଇସ୍କୁଲର ୯୭୯ ଛାତ୍ରଛାତ୍ରୀ ୩ଟି କେନ୍ଦ୍ରରେ ପରୀକ୍ଷା ଦେବେ। ଘଣ୍ଟାପଡ଼ା କେନ୍ଦ୍ରରେ ବରଗାଁ ଓ ନୂଆଁପାଲି ହାଇସ୍କୁଲର ମୋଟ ୩୮୪ଜଣ, ଆମ୍ବଗାଁ କେନ୍ଦ୍ରରେ ଘଣ୍ଟାପଡ଼ା ଓ ରିଙ୍ଗାପଡ଼ା ହାଇସ୍କୁଲର ୨୮୩ ଜଣ ଛାତ୍ରଛାତ୍ରୀ ଏବଂ ନୂଆଁପାଲି କେନ୍ଦ୍ରରେ ଉମା, ଆମ୍ବଗାଁ, ଖୁଣ୍ଟିଗୋରା ଓ ଖମନମୁଣ୍ଡା ହାଇସ୍କୁଲର ମୋଟ ୩୧୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଘଣ୍ଟାପଡ଼ା ହାଇସ୍କୁଲ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ପିତବାସ ପଣ୍ଡା, ଆମ୍ବଗାଁ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଶୁକଦେବ ପଣ୍ଡା ଓ ନୂଆଁପାଲି କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଅନନ୍ତ ଚରଣ କ୍ଷେତି ସୂଚନା ଦେଇଛନ୍ତି।

## ପିଏମ୍ ଅଜୟ ଯୋଜନା ହିତାଧିକାରୀଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ




**ବୌଦ୍ଧ, ୨୦।୨(ସମିସ):** ବୌଦ୍ଧ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପିଏମ ଅଜୟ ବା ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନା ଅଧୀନ ହିତାଧିକାରୀଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବୌଦ୍ଧ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଦାମ ଚରଣ ସାମଲ ଯୋଗ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୌମ୍ୟ ରଞ୍ଜନ ରାୟ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତି ବେଉରା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରଦ୍ଧା ସରସ୍ୱତୀ ପରିଡ଼ା, ପ୍ରାଣୀ ଚିକିତ୍ସକ ଦେବାଶିଷ ଶତପଥୀ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ପିଏମ ଅଜୟ ଯୋଜନାରେ ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ତଫସିଲଭୁକ୍ତ ଜାତିର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଓ ସଦସ୍ୟାଙ୍କୁ ଛେଳିପାଳନ ଓ ପରିଚାଳନା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା।

## +୨ ପରୀକ୍ଷା ଦେଲେ ୧୫୩ ଛାତ୍ରୀ

ପଲଶାଗୋରା, ୨୦।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୫୩ଜଣ ଛାତ୍ରୀ +୨ପରୀକ୍ଷା ଦେଉଛନ୍ତି। ପ୍ରଥମ କରି ଏହି ବିଦ୍ୟାଳୟଟି ନୂତନ ପରୀକ୍ଷା କେନ୍ଦ୍ର ହୋଇଛି। ଏଣୁ ଛାତ୍ରୀମାନଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ପୂର୍ବରୁ ଏହି ବିଦ୍ୟାଳୟର ଛାତ୍ରୀମାନେ କଣ୍ଟାମାଳ କଲେଜରେ ପରୀକ୍ଷା ଦେଇଆସୁଥିଲେ। ତେବେ ବିଦ୍ୟାଳୟର ଅଧକ୍ଷା ମନୀଷା ଚାନ୍ଦ ପରୀକ୍ଷା କେନ୍ଦ୍ର ମୁଖ୍ୟପରିଚାଳନା ଦାୟିତ୍ୱ ତୁଲାଉଛନ୍ତି।

## ଔଷଧୀୟ ଉଭିଦ ଉଦ୍ୟାନ ପାଇଁ ପ୍ରୟାସ



ଚାରିଛକ, ୨୦।୨(ସମିସ): ଯେତେବେଳେ କୌଣସି ଅତ୍ୟାଧୁନିକ ଚିକିତ୍ସାଳୟ ବା ଡାକ୍ତରୀ ଚିକିତ୍ସା ନ ଥିଲା ଲୋକମାନେ ବୈଦ୍ୟରାଜଙ୍କ ବୃକ୍ଷଲତା ଚେରମୂଳିକୁ ଔଷଧ ଭାବେ ବ୍ୟବହାର କରି ଆରୋଗ୍ୟ ଲାଭ କରୁଥିଲେ। ପୁରାଣଶାସ୍ତ୍ରରୁ ଆରମ୍ଭ କରି ବେଦ ଉପନିଷଦ ପର୍ଯ୍ୟନ୍ତ ଏହି ବୃକ୍ଷରାଜି ତଥା ଚେରମୂଳି ଔଷଧ ଉପରେ ବର୍ଣ୍ଣିତ। ବିଜ୍ଞାନ ତଥ୍ୟ ଅନୁସାରେ ବି ଅନେକ ଉପାଦେୟ ଓଷଧୀୟ ବୃକ୍ଷ ରହିଛି। ଘରେ କିମ୍ବା ନିଜ ଗାଁରେ କାହାର ଦେହ ଖରାପ ହେଲେ ମେଡିକାଲକୁ ଆଣିବା ପୂର୍ବରୁ ବିଭିନ୍ନ ଔଷଧୀୟ ବୃକ୍ଷଗୁଡିକର ଚେର, କାଣ୍ଡ, ପତ୍ର ପ୍ରାଥମିକ ଚିକିତ୍ସା ଭାବରେ ମଧ୍ୟ ବହୁତ ଉପକାର ହେଇଥାଏ। ତେବେ ଔଷଧୀୟ ବୃକ୍ଷର ମାହାତ୍ମ୍ୟକୁ ଉପଲବ୍ଧି କରି ହରଭଙ୍ଗା ବ୍ଲକ ଛତ୍ରଙ୍ଗ ପଞ୍ଚାୟତର ଗୁଣ୍ଡୁରୀସାହି ଗ୍ରାମର ସୁଧୀର ଦୀପ ଔଷଧୀୟ ଉଭିଦ ଉଦ୍ୟାନ କରିଛନ୍ତି। ଗାଁ ପିଲାଙ୍କୁ ମେଳି କରି ସେ ତୁଳସୀ, ଅରଖ, ଦୁଦୁରା, ଘିଅ କୁଆଁରୀ, ପାତ୍ରଗଜା, ଭୃଙ୍ଗରାଜ, ଘୋଡାବଚ, ବିଶଲ୍ୟକରଣୀ ପ୍ରଭୃତି ଗଛ ଲଗାଇଛନ୍ତି। ଏହି ସବୁ ଗଛ ଗାଁ ଲୋକଙ୍କ ଆପାତ କାଳୀନ ଚିକିତ୍ସାରେ ବେଶ୍ ସହାୟକ ହେବ ବୋଲି ସେ କହିଛନ୍ତି। ସମସ୍ତେ ନିଜ ଘରେ ଏକ ଔଷଧୀୟ ଉଭିଦ ଉଦ୍ୟାନ କରିବା ନିମନ୍ତେ ସେ ଅନୁରୋଧ କରିବା ସହ ପରାମର୍ଶ ଦେଇଛନ୍ତି।

## ବାଇକ୍ ଧକ୍କାରେ ପଥଚାରୀ ମୃତ

ବୌଦ୍ଧ, ୨୦।୨(ସମିସ): ବୌଦ୍ଧ-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥର ଗମ୍ଭାରୀପଦର ନିକଟରେ ଏକ ବାଇକ୍ ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡାଙ୍ଗପଡ଼ା ଗ୍ରାମର ଆନନ୍ଦ ପ୍ରଧାନ (୫୦)। ସେ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ବଲାସିଙ୍ଗା ଗ୍ରାମର ସଜନ ଧଳ(୩୫) ବାଇକରେ ଆସି ଧକ୍କା ଦେଇଥିଲେ। ଏହାଫଳରେ ଫଳରେ ଆନନ୍ଦ ଓ ସଜନ ଉଭୟେ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ପ୍ରଥମେ ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନା ପଠାଇଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ଭୀମସାର ସ୍ଥାନାନ୍ତର କରିଥିଲେ। ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବୁର୍ଲା ସ୍ଥାନାନ୍ତର କରାଯାଉଥିବା ବେଳେ ଆନନ୍ଦଙ୍କ କଦଳୀଗଡ଼ ନିକଟରେ ମୃତ୍ୟୁ ଘଟିଥିଲା। ରେଢାଖୋଲରେ ତାଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସଜନ ବର୍ତ୍ତମାନ ବୁର୍ଲାରେ ଚିକିତ୍ସିତ ହେଉଛନ୍ତି।

## ୨ ବର୍ଷ ହେଲା ବିଦ୍ୟୁତ୍ ସଂଯୋଗ ହଉନି

# ଚିନ୍ତାରେ ଗଭୀର ନଳକୂପ ଚାଷୀ

**ଶଗଡ଼ା, ୨୦।୨(ସମିସ):** ରାଜ୍ୟ ସରକାର ସମସ୍ତ ଗରିବ ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ କୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ କେତେକ ଅସାଧୁ କର୍ମଚାରୀଙ୍କ ଅବହେଳା ଯୋଗୁଁ ସରକାରୀ ସୁବିଧାରୁ ଗଭୀର ନଳକୂପ ଚାଷୀ ବଞ୍ଚିତ ଅଛନ୍ତି। ପ୍ରଶାନ୍ତ ସାହୁ ଏହାର ଉଦାହରଣ।

ଅନେକ ଦିନ ତଳେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କଣ୍ଟାମାଳ ପଞ୍ଚାୟତ କଣ୍ଟାମାଳ ଗ୍ରାମର ପ୍ରଶାନ୍ତଙ୍କ ଗଭୀର ନଳକୂପରେ ବସିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମକୁ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର



କୌଣସି କାରଣରୁ ଛିଣ୍ଡି ଯାଇଥିଲା। ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଜଣାଇବା ପରେ ସେଠାକୁ ଆସି ବିଦ୍ୟୁତ୍ ତାର ସଂଯୋଗ କରିବା ପରିବର୍ତ୍ତେ ତାରକୁ କାଟି ବିଦ୍ୟୁତ୍ କାର୍ଯ୍ୟାଳୟକୁ ନେଇ ଯାଇଥିଲେ। ଚାଷୀ ଶ୍ରୀ ସାହୁ ବିଦ୍ୟୁତ୍ ତାର ସଂଯୋଗ କରି ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଅନେକ ଥର ବିଦ୍ୟୁତ୍ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଥିଲେ ମଧ୍ୟ କେହି ତାଙ୍କରି କଥା କର୍ଣ୍ଣପାତ କରୁନାହାନ୍ତି ବୋଲି ଶ୍ରୀ ସାହୁ ଅଭିଯୋଗ କରିଛନ୍ତି।

## ପ୍ରଧାନଶିକ୍ଷକଙ୍କ ଅକାଳ ବିୟୋଗ



ଶଗଡ଼ା/ପଲସାଗୋରା, ୨୦।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଲୋକାପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟ ଚରଣ ମହାଲିକଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଶବ ବ୍ୟବଚ୍ଛେଦ ପରେ ପତ୍ରାପାଲି ଗାଁ ମଶାଣିରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ଝିଅ ଶ୍ୱେତଲୀନା ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସହକର୍ମୀ ଓ ଛାତ୍ରଛାତ୍ରୀ ମଧ୍ୟ ଶୋକ ପ୍ରକାଶ କରିଛନ୍ତି।

## ଚଣ୍ଡୀ ମନ୍ଦିର ପାଇଁ ଶୁଭ ଖୁମ୍ବ ସ୍ଥାପନ

ଶଗଡ଼ା, ୨୦।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତର ମଲିକୁଦ ଶିବ ମନ୍ଦିରରେ ଚଣ୍ଡୀ ମନ୍ଦିର ପାଇଁ ଶୁଭ ଖମ୍ବ ସ୍ଥାପନ କରାଯାଇଛି। କଣ୍ଟାମାଳର ପୂର୍ବତନ ବିଧାୟକ ମହିଧର ରଣା, ଶମ୍ଭୁ ପ୍ରଶାଦ ସାହୁ, ମୁରଲି ସେଠି, ଲବ ରଣା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତାପ ପାଣିଗ୍ରାହୀ ପୂଜାକାର୍ଯ୍ୟ ତୁଲାଇଥିଲେ। ଶାର୍ଦ୍ଦୁଳ ନାଗ, ଶିବ ସାହୁ, ରାଧାବଲ୍ଲଭ ପ୍ରଧାନ, ପ୍ରଶାନ୍ତ ମାଝି, ଟିକୁନୁ କଅଁର, ଧନଞ୍ଜୟ ସେଠି, କହ୍ନେଇ ସାହୁ, ଶ୍ରୀପିତି ସେଠି, ରାଜୁ ରଣା, ରଘୁନାଥ ମେହେର, ଅବୋଦ ରଣା, ପରମେଶ୍ୱର ବାଘ ପ୍ରମୁଖ ସହଯୋଗ କରିଥିଲେ। ରଞ୍ଜୁ ଶାଣ୍ଢ ପାରାୟଣ ପରିବେଷଣ କରିଥିଲେ। ମଲିକୁଦ, ଶ୍ରୀମାଳ, ମାଳପଡ଼ା, ସାନତଣ୍ଡାମୁଣ୍ଡା, ବଡବାହାଳ, ସେଲମାପାଳି ଗ୍ରାମବାସୀ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ଶିକ୍ଷଣ ସମାଗ୍ରୀ ପ୍ରସ୍ତୁତି କର୍ମଶାଳା




**ବୌଦ୍ଧ, ୨୦।୨(ସମିସ):** ବୌଦ୍ଧ ବ୍ଲକ ମୁର୍ଣ୍ଣୁଣ୍ଡୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିକ୍ଷଣ ସମାଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରବୀର ରଥ, ଅନ୍ୟତମ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା ଯୋଗ ଦେଇଥିଲେ। ପେଡ଼ାଗୋଜି ସଂଯୋଜକ ଶିବ ଶଙ୍କର ଶତପଥୀ ଶିକ୍ଷଣ ସମାଗ୍ରୀ ପ୍ରସ୍ତୁତି ସମ୍ପର୍କରେ ତାଲିମ ଦେଇଥିଲେ।

## ଜଙ୍ଗଲରେ ନିଆଁ ନ ଲଗାଇବାକୁ ଶପଥ



**ବୀରମହାରାଜପୁର, ୨୦।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ କୋଟସମଲାଇ ପଞ୍ଚାୟତ ଅନ୍ତର୍ଗତ ଖଜୁରିଆପାଲି ବନସୁରକ୍ଷା ସମିତିରେ ବନାଗ୍ନି ନିରାକରଣ ସଚେତନତା ଓ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଗ୍ରୀଷ୍ମ ଋତୁର ଆଗମନରେ ଜଙ୍ଗଲରେ ବିଭିନ୍ନ ସ୍ଥାନରେ ନିଆଁ ଲାଗି ବହୁତ କ୍ଷୟକ୍ଷତି ହେଉଥିବା ବେଳେ ବନ୍ୟପ୍ରାଣୀ, ବୃକ୍ଷଲତା ଓ ଔଷଧୀୟ ବୃକ୍ଷଲତା ନଷ୍ଟ ସହିତ ମାଟିର ଉର୍ବରତା ମଧ୍ୟ ହ୍ରାସ ପାଉଛି।ଫଳରେ ପରିବେଶ ଦିନକୁ ଦିନ ପ୍ରଦୂଷିତ ହୋଇଯାଉଛି ବୋଲି ପରିବେଶପ୍ରେମୀ ସତ୍ୟଜିତ ଗଡ୍ଡୁଆ କହିଛନ୍ତି। ଚାଷ ଜମିରେ ନିଆଁ ନ ଲଗାଇବା, ମହୁଲ ଗୋଟାଳିଙ୍କୁ ନିଆଁ ନ ଲଗାଇବା ପାଇଁ ପରାମର୍ଶ ଦେବା, କୌଣସି ସ୍ଥାନରେ ନିଆଁ ଲାଗିଥିବାର ଦେଖିଲେ ତୁରନ୍ତ ଲିଭାଇବା ପାଇଁ ଉଦ୍ୟମ କରିବା ସହ ବନ ବିଭାଗ କର୍ମଚାରୀଙ୍କୁ ଖବର ଦେବା ଆଦି ବିଭିନ୍ନ ବିଷୟରେ ଟିମ୍ ଲିଡର ସଞ୍ଜୀବ କୁମାର ନାଗ ସମସ୍ତଙ୍କୁ ବୁଝାଇଥିଲେ। ଜଙ୍ଗଲ ଆମର ମୂଲ୍ୟବାନ ସମ୍ପଦ, ଜଙ୍ଗଲରେ ନିଆଁ ଲଗାଇବା ନାହିଁ, ଆମ ଜଙ୍ଗଲକୁ ଆମେ ସୁରକ୍ଷା କରିବା ବୋଲି ବନପାଳ ରଘୁମଣୀ ଭୋଇ ସମସ୍ତଙ୍କୁ ଅନୁରୋଧ କରିଥିଲେ।ଶେଷରେ ପରିବେଶପ୍ରେମୀ ସତ୍ୟଜିତ ସମସ୍ତ ବନ କର୍ମଚାରୀ ଓ ସଭ୍ୟ ସଭ୍ୟାଙ୍କ ଉପସ୍ଥିତିରେ ଜଙ୍ଗଲରେ ନିଆଁ ଲଗାଇବା ନାହିଁ, ଆମେ ବନାଗ୍ନିକୁ ନିରାକରଣ କରିବା ପାଇଁ ସାମୂହିକ ଶପଥପାଠ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଭାପତି କିଶୋର ଗଡ୍ଡୁଆ, କୋଷାଧ୍ୟକ୍ଷ ଗୁପ୍ତେଶ୍ୱର ଦେହେରୀ, କଳ୍ପନା ଦେହେରୀ, ବିଶ୍ୱନାଥ ଗଡ୍ଡୁଆ, କାହ୍ନା ଗଡ୍ଡୁଆଙ୍କ ସମେତ ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।

## ଦୁର୍ଗମ ଲେକଡପାଜୁରେ ପହଞ୍ଚିଲା ଜିଲ୍ଲା ପ୍ରଶାସନ

# ନାଳ ପାରହୋଇ, ପାହାଡ଼ ଚଢି ପହଞ୍ଚିଲେ ବାବୁ

ବୌଦ୍ଧ, ୨୦।୨(ସମିସ):

ବୌଦ୍ଧ ଜିଲ୍ଲା ପ୍ରଶାସନର ଗାଁକୁ ଚାଲ ଅଭିଯାନ ଲୋକପ୍ରିୟ ହେବାରେ ଲାଗିଛି। ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କ ନେତୃତ୍ୱରେ

- ଲୋକଙ୍କ ସମସ୍ୟା ବୁଝିଲେ
- ରାସ୍ତା ପାଇଁ ପ୍ରତିଶ୍ରୁତି ଦେଲେ

ଏକ ପ୍ରଶାସନିକ ଟିମ୍ ପାହାଡିଆ ଦୁର୍ଗମ ଗାଁ ଲେକଡପାଜୁରେ ପହଞ୍ଚି ଲୋକଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଛନ୍ତି। ପ୍ରଶାସନିକ ଟିମ୍ ବଣ ପାହାଡ଼ ଘେରା ବୌଦ୍ଧ ବ୍ଲକ ଟିକରପଡ଼ା ପଞ୍ଚାୟତ ଲେକଡ଼ପାଜୁ ଗାଁକୁ ଚାଲି ଚାଲି ଯାଇଥିଲେ। ନାଳ ପାର ହୋଇ ପାହାଡ଼ ଚଢି ୫ କିମି ରାସ୍ତା ଅତିକ୍ରମ କଲା ପରେ ଗାଁରେ ପହଞ୍ଚିଥିଲେ। ଗାଁରେ ଖୋଲା ଆକାଶ ତଳେ ବସି



ଏକ ସଭା କରିଥିଲେ। ସେଠାରେ ବସି ଶ୍ରୀ ଦଣ୍ଡସେନା ଗାଁ ଲୋକଙ୍କ ସମସ୍ୟା ଗୋଟି ଗୋଟି କରି ଶୁଣିଥିଲେ। ରାସ୍ତା, ପାନୀୟଜଳ, ବିଦ୍ୟୁତ୍, ଶିକ୍ଷା ଭଳି ସର୍ବନିମ୍ନ ମୌଳିକ ସୁବିଧାରୁ ଆଦିମ ଅଧିବାସୀ ବଞ୍ଚିତ ଥିବା ଅଧିକାରୀମାନେ ଜାଣିବାକୁ ପାଇଥିଲେ। ଗୁରୁଜୀମୁଣ୍ଡାଠାରୁ ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ୨ ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିଥିଲେ। ଗାଁରେ ସ୍ୱୟଂ ସହାୟକ ଗୋଷ୍ଠୀ ନ ଥିବାରୁ ତୁରନ୍ତ ଗଠନ କରି ସରକାରୀ ଯୋଜନାର ଲାଭ ଉଠାଇବା ପାଇଁ ପରାମର୍ଶ ଦେଇଥିଲେ। ଏହା ସହିତ ସ୍ୱାବଲମ୍ବୀ ହେବା ପାଇଁ ଅଷ୍ଟମରୁ ଦଶମ ଶ୍ରେଣୀ ପାଠପଢ଼ି ଘରେ ରହିଥିବା ଯୁବକ ଯୁବତୀଙ୍କୁ ସିଲେଇ, ମୋବାଇଲ ମରାମତି ଭଳି ମାଗଣା ତାଲିମ ସହିତ ରୋଜଗାରକ୍ଷମ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଗାଁରେ ଏକ ବନ ସୁରକ୍ଷା ସମିତିର ଘର ପାଇଁ ଶୁଭ ଦେଇଥିଲେ। ଶ୍ରୀ ଦଣ୍ଡସେନାଙ୍କ ସହିତ ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେର, ଧର୍ମୁଧର ପୋଢ଼, ସହକାରୀ ଯନ୍ତ୍ରୀ ସ୍ୱାଧୀନ ଦାସ, କନିଷ୍ଠ ଯନ୍ତ୍ରୀ ଜଗଦୀଶ ବୁଦୁଲା, ବ୍ଲକ କର୍ମଚାରୀ ସାନନ୍ଦ ସାହୁ, ମହେଶ ବାଘ, ନବୀନ ବାଘ ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍ତରପ୍ରଦେଶରୁ ଘରକୁ ଫେରିଲେ ଛାତ୍ରୀ

## ■ ମାଆ-ବାପାଙ୍କ ସହ ଇଟା ଭାଟିରେ ଦାଦନ ଖଟୁଥିଲେ

**ନୂଆପଡ଼ା, ୨୦ ।୨(ସମିସ):** ୨୧ତାରିଖ ଦିନ ମାଟ୍ରିକ ବୋର୍ଡ ପରୀକ୍ଷା ହେବ ବୋଲି ଜିଲ୍ଲା ଶିକ୍ଷାବିଭାଗ ଚଳଚଞ୍ଚଳ ଥିବାବେଳେ ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ରାଜ୍ୟ ବାହାରେ ବିଭିନ୍ନ ଇଟାଭାଟିରେ ଦାଦନ ଖଟୁଥିବା ଜଣାପଡ଼ିଛି । ଏଭଳି ସ୍ଥିତିରେ ନୂଆପଡ଼ା ଜିଲ୍ଲା ସଦର ବ୍ଲକ ଚୁଲାଭାଟ ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରବୋଧ କୁମାର ହୋତାଙ୍କ ହସ୍ତକ୍ଷେପ ପରେ ଜଣେ ପରୀକ୍ଷାର୍ଥୀ ସୁଦୂର ଉତ୍ତର ପ୍ରଦେଶରୁ ଘରକୁ ଫେରିଛନ୍ତି । ତାଙ୍କୁ ବିଦ୍ୟାଳୟ ତରଫରୁ ପ୍ରବେଶିକା ପତ୍ର ଦେବା ସହ ପରୀକ୍ଷାରେ କୃତୀତ୍ୱ ଅର୍ଜନ କରିବାକୁ ଆଶୀର୍ବାଦ ମଧ୍ୟ ପ୍ରଦାନ କରାଯାଇଛି ।ବିଦ୍ୟାଳୟରେ ମୋଟ ୨୧ଜଣ ଛାତ୍ରଛାତ୍ରୀ ଦଶମ ଶ୍ରେଣୀରେ ରହିଛନ୍ତି । ଏମାନଙ୍କ ମଧ୍ୟରୁ ଜଣେ ଛାତ୍ରୀ ସ୍ଥାନୀୟ ଭଇଁଷାଦାଦର ଗାଁର ପିଲାବାଇ ରାଉତ ବାପା ମାଆଙ୍କ ସହ ଉତ୍ତର ପ୍ରଦେଶର ସୁଲତାନପୁର ଇଟାଭାଟିକୁ ଯାଇ ଦାଦନ ଖଟୁଥିଲେ । ଖବର ପାଇ ପ୍ରଧାନଶିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଶ୍ରେଣୀ ଶିକ୍ଷକ ଛାତ୍ରୀଙ୍କ ସହ କଥାବାର୍ତ୍ତା ହୋଇ ପରୀକ୍ଷା ଦେବାକୁ ବୁଝାଇଥିଲେ ।ଏଥି ପାଇଁ 'ସକାଳ'ପ୍ରତିନିଧି ମଧ୍ୟ ଇଟା ଭାଟି ମାଲିକ, ସର୍ଦ୍ଦାର ସହ ଫୋନ ଯୋଗେ କଥା ହୋଇ ଛାତ୍ରୀ ଜଣଙ୍କୁ ଇଟାଭାଟିରୁ ଛାଡ଼ିଦେବାକୁ କହିଥିଲେ ।ଏଥିରେ ମାଲିକ ରାଜି ହୋଇ ତାଙ୍କୁ ଛାଡି ଦେଇଥିଲେ । ଦୁଇ ଦିନ ତଳେ ଟ୍ରେନ୍‌ରେ ନିଜ ମାଆ ରାଜିଆ ବୈଠକଙ୍କ ସହ ମିଶି ନୂଆପଡ଼ାରେ ଆସି ପହଞ୍ଚି ଥିଲେ । ଶୁକ୍ରବାର ଦିନ ପରୀକ୍ଷା ଥିବାରୁ ବିଦ୍ୟାଳୟରେ ପହଞ୍ଚି ପ୍ରଧାନଶିକ୍ଷକଙ୍କ ଠାରୁ ପ୍ରବେଶିକାପତ୍ର ଗ୍ରହଣ କରିଥିଲେ । ବିଦ୍ୟାଳୟ ତରଫରୁ ୟୁନିଫର୍ମ, ଜୋତା ଆଦି ପ୍ରଦାନ କରାଯାଇଛି । ପିଲାବାଇ କିପରି ସମସ୍ତ ପରୀକ୍ଷା ଦିନ ଉପସ୍ଥିତ ରହି ପରୀକ୍ଷା ଦେବା ସହ ଭଲ ପ୍ରଦର୍ଶନ କରିବ ସେଥିପାଇଁ ସମସ୍ତେ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।



### ୫୩ କେନ୍ଦ୍ରରେ ପରୀକ୍ଷା ଦେବେ ୭୫୭୩ ଛାତ୍ରଛାତ୍ରୀ

# ସିସିଟିଭି ସର୍ଭେଲାନ୍ସରେ ସବୁ ପରୀକ୍ଷା କେନ୍ଦ୍ର

**ନୂଆପଡ଼ା, ୨୦ ।୨(ସମିସ)**

ରାଜ୍ୟ ସରକାରଙ୍କ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଆରମ୍ଭ ହେବ ମାଟ୍ରିକ ବୋର୍ଡ ପରୀକ୍ଷା । ଜିଲ୍ଲାର ୫୩ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ୭୫୭୩ ଜଣ ପରୀକ୍ଷାର୍ଥୀ । ପରୀକ୍ଷା ବ୍ୟବସ୍ଥାକୁ ସ୍ୱଚ୍ଛ ଏବଂ ଅବାଧ କରିବାକୁ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ହୋଇଛି । ଏଥିପାଇଁ ଜିଲ୍ଲାର ୫ଟି ବ୍ଲକର ୫ଟି ନୋଡାଲ କେନ୍ଦ୍ରରେ ପ୍ରଶ୍ନପତ୍ର ଆସି ଗଚ୍ଛିତ ରହିଛି ।କଡା ସୁରକ୍ଷା ବଳୟ ମଧ୍ୟରେ ନୋଡାଲ ପରୀକ୍ଷା କେନ୍ଦ୍ର ସବୁ ରହିଛି । ସୂଚନା ଯୋଗ୍ୟ ଯେ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ସୂଚୀ ମୁତାବକ ଫେବୃୟାରୀ ମାସ ୨୧ତାରିଖ ଠାରୁ ମାର୍ଚ୍ଚ ମାସ ୭ତାରିଖ ଯାଏଁ ପରୀକ୍ଷା ହେବ । ପ୍ରତି ଦିନ ପରୀକ୍ଷା ପୂର୍ବାହ୍ନ ୯ଟାରୁ ସାଢେ ୧୧ଟା ପର୍ଯ୍ୟନ୍ତ ହେବ ।ଏହାର ଅବ୍ୟବହିତ ପୂର୍ବରୁ ଠିକ ସାଢେ ୮ଟା ବେଳେ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବାର ନିୟମ ରହିଛି । ତେବେ ନୋଡାଲ କେନ୍ଦ୍ର ଗୁଡିକରୁ ପରୀକ୍ଷା ଦିନ ହିଁ ସୁରକ୍ଷା ବଳୟ ମଧ୍ୟରେ ପ୍ରଶ୍ନପତ୍ର ସମ୍ପୃକ୍ତ ପରୀକ୍ଷା କେନ୍ଦ୍ର ଗୁଡିକୁ ପହଞ୍ଚାଯିବ । ଏଥର ଜିଲ୍ଲାର ୫ଟି ବ୍ଲକ ଯଥା ନୂଆପଡ଼ା ବ୍ଲକର ନୋଡାଲ ସେଣ୍ଟର ଭାବରେ ନ୍ୟାସନାଲ ହାଇସ୍କୁଲକୁ ରଖାଯାଇଥିବା ବେଳେ ଏହା ଅଧିନରେ ୧୪ଟି କେନ୍ଦ୍ରର ୧୬୬୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ସେହିପରି କୋମନା ବ୍ଲକର ଜିତାମିତ୍ର ହାଇସ୍କୁଲ ନୋଡାଲ କେନ୍ଦ୍ର ଅଧିନରେ ୯ଟି କେନ୍ଦ୍ରରେ ୧୦୨୦ ଜଣ ପରୀକ୍ଷା ଦେବେ ।ଖଡିଆଳ ରାଜାଏଟି କେନ୍ଦ୍ର ଅଧିନରେ ୧୧ଟି କେନ୍ଦ୍ରରେ ୧୩୮୫ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ।ସିନାପାଲି ନୋଡାଲ କେନ୍ଦ୍ର ଅଧିନରେ ୯ଟି କେନ୍ଦ୍ରରେ ୧୨୦୫ ଜଣ ପରୀକ୍ଷା ଦେବାକୁ ଥିବାବେଳେ ବୋଡେନ ସରକାରୀ ଏସ୍‌ଏସଡି ହାଇସ୍କୁଲ କେନ୍ଦ୍ର ଅଧିନରେ ୧୨୯୨ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଛି । ଏଥର ଜିଲ୍ଲାର ସମସ୍ତ ୫୩ଟି କେନ୍ଦ୍ରକୁ ସିସିଟିଭି ସର୍ଭିଲେନ୍ସରେ ରଖାଯାଇଛି । ଅନ୍ୟପକ୍ଷେ ଜିଲ୍ଲାର ୫ଟି ବ୍ୟବସ୍ଥା ବ୍ଲକର ୧୦ଟି କେନ୍ଦ୍ର ଯଥା ନୂଆପଡ଼ା ବ୍ଲକର ନ୍ୟାସନାଲ ହାଇସ୍କୁଲ ଏବଂ ଜାମପାଣି ହାଇସ୍କୁଲ କେନ୍ଦ୍ରରେ ଲାଇଭ ଭିଡିଓ ଷ୍ଟ୍ରିମିଂ ବ୍ୟବସ୍ଥା କରାଯାଇଛି ।କୋମନା ବ୍ଲକର ଜିତାମିତ୍ର ହାଇସ୍କୁଲ ଏବଂ ସଲଗିଁପଡ଼ା ହାଇସ୍କୁଲ, ଖଡିଆଳ ବ୍ଲକର ରାଜାଏଟି ହାଇସ୍କୁଲ ସହ ରାନୀମୁଣ୍ଡା ହାଇସ୍କୁଲ, ସିନାପାଲି ବ୍ଲକର ସିନାପାଲି ସରକାରୀ ହାଇସ୍କୁଲ ସହ ମହଗାଁ ହାଇସ୍କୁଲ କେନ୍ଦ୍ର ଏବଂ ବୋଡେନ ବ୍ଲକରେ ସରକାରୀ ହାଇସ୍କୁଲ ବୋଡେନ ଏବଂ ଖଇରା ହାଇସ୍କୁଲ କେନ୍ଦ୍ରରେ ଲାଇଭ ଷ୍ଟ୍ରିମିଂ ବ୍ୟବସ୍ଥା କରାଯାଇଛି ।ଏଗୁଡିକ ସିଧାସଳଖ ବୋର୍ଡ କାର୍ଯ୍ୟାଳୟ ସହ ସଂଲଗ୍ନ ରହିବ । କର୍ତ୍ତୃପକ୍ଷ ପରୀକ୍ଷାକୁ ସେଠାରୁ ନିୟନ୍ତ୍ରଣ କରିପାରିବେ ।ଏହିଭଳି କପି ଧରପଗଡ଼ ସକାଶେ ୪ ଗୋଟି ସ୍କାର୍ଡ ଜିଲ୍ଲାର ପରୀକ୍ଷା କେନ୍ଦ୍ର ଗୁଡିକ ଉପରେ କଡା ନଜର ରଖିବେ ବୋଲି ଜିଲ୍ଲାପ୍ରଶାସନ ତରଫରୁ ପ୍ରକାଶ ।



### ୧୦ କେନ୍ଦ୍ରରେ ହେବ ଲାଇଭ ଷ୍ଟ୍ରିମିଂ

ଜିଲ୍ଲା ସଦର ବ୍ଲକ ମାଓବାଦୀ ପ୍ରବଣ ହେତୁ ସ୍ପର୍ଶକାତର ହେତୁ ପରୀକ୍ଷା ପରିଚାଳନା ଉପରେ ନୂଆପଡ଼ା ବ୍ଲକ ଶିକ୍ଷାଧିକାରୀ ହେମସାଗର ମହାନନ୍ଦଙ୍କ ସହ ଯୋଗାଯୋଗ କରିବାରେ ନୂଆପଡ଼ା ଏକ ମାଓବାଦୀ ପ୍ରବଣ ବ୍ଲକ ହେତୁ ଏଠାରେ ସମସ୍ତ ପ୍ରକାର ବ୍ୟବସ୍ଥାକୁ କଡାକଡି ନଜର ରଖାଯାଇଛି । ଏଥିରେ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଏବିଇଓ, ବିଆରସିସି, ପୁଲିସ ବଳ ସକ୍ରିୟ ସହଯୋଗ କରୁଥିବା ପ୍ରକାଶ କରିଛନ୍ତି ।

## ସୁନ୍ଦରାକାଣ୍ଡ ପାରାୟଣ

**ବୀରମହାରାଜପୁର, ୨୦ ।୨(ସମିସ):** ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ପଞ୍ଚାୟତର ଦନ୍ତାପାଲି ଗ୍ରାମରେ ଗତ ୧୪ ତାରିଖରୁ ଚାଲିଥିବା ରାମାୟଣ ନବାହ୍ନ କାର୍ଯ୍ୟକ୍ରମର ଗୁରୁବାର ସପ୍ତମ ଦିବସରେ ସୁନ୍ଦରକାଣ୍ଡ ପାରାୟଣ ସହିତ ଲଙ୍କାକାଣ୍ଡର ଗୋଟିଏ ଅଧ୍ୟାୟ ପଠନ ପରେ ଗ୍ରନ୍ଥ ବିଶ୍ରାମ କରିଛନ୍ତି । କୋଟସମଲାଏ ଗ୍ରାମର ବିଶିଷ୍ଟ ପାରାୟଣ ଗାୟକ ଶ୍ରୀରାମ ପଣ୍ଡା ବ୍ୟାସାସନ ଅଳଙ୍କୃତ କରି ରାମାୟଣ ପାଠ କରୁଥିବା ବେଳେ ପରିଚାଳକ ଦେବେନ୍ଦ୍ର ପଣ୍ଡା ଓ ପତ୍ନୀ ସନ୍ତୋଷିନୀ ପଣ୍ଡା କର୍ତ୍ତା ଦାୟିତ୍ୱ ଏବଂ କମଳପୁରର ବଳରାମ ପଣ୍ଡା ମୁଖ୍ୟପୂଜକ ଦାୟିତ୍ୱ ନିର୍ବାହ କରୁଛନ୍ତି । ଗ୍ରନ୍ଥ ପାଠରେ ଆଜିର ମୁଖ୍ୟ ବିଷୟବସ୍ତୁ ହନୁମାନଙ୍କ ଦ୍ୱାରା ସମୁଦ୍ର ଲଂଘନ, ଲଙ୍କାପୁର ଅଶୋକ ବାଟିକା ରେ ସୀତା ଠାବ, ଶ୍ରୀରାମଙ୍କ ନାମାଙ୍କିତ ମୁଦ୍ରିକା ସୀତାଙ୍କୁ ପ୍ରଦାନ, ହନୁମାନ ଦ୍ୱାରା ରାବଣ ପୁତ୍ର ଅକ୍ଷୟ କୁମାର ନିଧନ, ଇନ୍ଦ୍ରଜିତଙ୍କ ଦ୍ୱାରା ହନୁମାନଙ୍କୁ ନାଗଫାଶରେ ବନ୍ଧନ, ହନୁମାନ ଓ ରାବଣଙ୍କ କଥୋପକଥନ, ଲଙ୍କା ଦହନ, ହନୁମାନଙ୍କ ଲଙ୍କାରୁ ପ୍ରତ୍ୟାବର୍ତ୍ତନ ଓ ସମସ୍ତ ଖବର ଶ୍ରୀରାମଙ୍କୁ ବର୍ଣ୍ଣନା, ବିଭିଷଣ ଶରଣ, ସେତୁ ବନ୍ଧନ ଆଦି ବିଷୟବସ୍ତୁ ରହିଥିଲା । ପ୍ରତିଦିନ ସନ୍ଧ୍ୟା କାର୍ଯ୍ୟକ୍ରମରେ ବିଭିନ୍ନ କଣ୍ଠଶିଳ୍ପୀଙ୍କ ଭଜନ ପରିବେଷଣ ସହିତ ଅଞ୍ଚଳର ବିଶିଷ୍ଟ ପ୍ରବାଚିକା ବାଗ୍ମୀ ସୁଶ୍ରୀ ଅଳକାନନ୍ଦା ଦାସଙ୍କ ରାମକଥା ପରିବେଷଣ, ଆଧ୍ୟାତ୍ମିକ ପରିବେଶକୁ ଆହୁରି ରସାଣିତ କରୁଥିଲା । ନବାହ୍ନ କାର୍ଯ୍ୟକ୍ରମ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରକାଶ ।



### ଜାତୀୟ ସିନିୟର କବାଡ଼ି ଟୁର୍ଣ୍ଣାମେଣ୍ଟ

## ରାଜ୍ୟ କବାଡ଼ି ଟିମ୍‌ର ନେତୃତ୍ୱ ନେଉଛନ୍ତି ଭୂପେନ୍ଦ୍ର

**ନୂଆପଡ଼ା, ୨୦ ।୨(ସମିସ):** କଟକରେ ଚାଲିଥିବା ୭୧ତମ ଜାତୀୟ ସିନିୟର କବାଡି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ରାଜ୍ୟ ଟିମ୍‌ର ନେତୃତ୍ୱ ନେଉଛନ୍ତି ନୂଆପଡ଼ାର ଭୂପେନ୍ଦ୍ର ରାଉତ ।ଭୂପେନ୍ଦ୍ରଙ୍କ ନିଜ ଘର ନୂଆପଡ଼ା ସଦରବ୍ଲକ ମାଗୁରପାଣି ଗାଁରେ ।ସେ ଆଗରୁ ଓଡ଼ିଶା ଜୁନିୟର ଟିମରେ ଦୁଇଥର କ୍ୟାପଟେନ ରହିଥିବା ବେଳେ ସିନିୟର ଟିମରେ ଥରେ କ୍ୟାପଟେନସିପ୍ କରିଥିଲେ ।ଏହି ଖବର ଆସିବାପରେ ସାରା ଜିଲ୍ଲାରେ କ୍ରୀଡ଼ାପ୍ରେମୀଙ୍କ ମହଲରେ ଖୁସିର ମାହୋଲ ଦେଖାଦେଇଛି ।ସୂଚନା ଯୋଗ୍ୟଯେ ଭୂପେନ୍ଦ୍ର ମାଗୁରପାଣି ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଥିବା ସମୟରେ ଜୁନିୟର ଲେଭେଲରେ ଜିଲ୍ଲା ତଥା ରାଜ୍ୟ ପାଇଁ ବହୁ ଗୌରବ ଆଣିବା ସହ ରାଜ୍ୟ ଟିମ୍‌ରେ ସ୍ୱତନ୍ତ୍ର ଜାଗା ରଖି ପାରିଥିଲେ । ବର୍ତ୍ତମାନ ସେ ପୁରୀରେ ଯୁକ୍ତ ତିନି ଛାତ୍ର ଭାବେ ଅଧ୍ୟୟନରତ । କଟକରେ ଚାଲିଥିବା ଟୁର୍ଣ୍ଣାମେଣ୍ଟରେ ୩୦ଟି ରାଜ୍ୟର ଟିମ୍ ଭାଗ ନେଇଛନ୍ତି ।ଖେଳ ୨୩ ତାରିଖ ପର୍ଯ୍ୟନ୍ତ ଚଳିବ ।



## ଶ୍ରୀରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ

**ବୀରମହାରାଜପୁର, ୨୦ ।୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ପଞ୍ଚାୟତର ଭାଲୁଡୁଙ୍ଗୁରୀ ଗ୍ରାମର ଶୃଙ୍ଗଦର୍ହରେ ଶ୍ରୀରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ସନ୍ଧ୍ୟାରେ ସମାପନ ହୋଇଯାଇଛି । ମନ୍ଦିର ପ୍ରତିଷ୍ଠା ପାଇଁ ଚବିଶ ପ୍ରହରୀ ନାମଯଜ୍ଞ ହୋଇଥିଲା ।ପ୍ରଥମ ଦିବସରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଶୃଙ୍ଗଦର୍ହ ସ୍ଥିତ ରାଧା ବଲ୍ଲଭ ମଠର ମଠାଧୀଶ ସନତ କୁମାର ଦାସଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ବୀରମହାରାଜପୁର ବ୍ଲକ ବଡ଼ବର୍ଡାକଟା ଗ୍ରାମର ଅଟଳ ମିଶ୍ର ବ୍ୟାସ ଭାବେ ଯୋଗଦେଇ ସୁନ୍ଦର କାଣ୍ଡ ପାଠ କରିଥିଲେ ।ଦ୍ୱିତୀୟ ଦିବସରୁ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା । ରୀତିମତେ ପୂଜାର୍ଚ୍ଚନା ପରେ ପ୍ରତ୍ୟହ ବିଭିନ୍ନ ନୀତିକାନ୍ତି କରାଯାଇଥିଲା । ଅଙ୍କୁରା ରୋପଣ, କଳସ ଯାତ୍ରା, ଧାନ୍ୟାଭିଷେକ, ଦେବସ୍ନାନ ଓ ମନ୍ଦିର ସ୍ନାନ କରାଯାଇଥିଲା । ଭାଲୁଡୁଙ୍ଗୁରୀ, ବିଶାଳପାଲି, ପାତ୍ରପାଲି ଓ ଟିଙ୍ଗିରାନାଲି ଗ୍ରାମରଲୋକେ ଉତ୍ସବ ପରିଚାଳନା କରୁଥିଲେ । ମନ୍ଦିରରେ ରାଧାକୃଷ୍ଣଙ୍କ ବିଗ୍ରହ ସ୍ଥାପନ ସହିତ ଦ୍ୱାରିକାନାଥ, ରାମନାଥ, ବଦ୍ରିନାଥ ଓ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା, ଦଶବତାର ଓ ପାର୍ଶ୍ୱ ଦେବଦେବୀଙ୍କ ବିଗ୍ରହ ସ୍ଥାପନ କରାଯାଇଛି । ପ୍ରତିଷ୍ଠା ଉତ୍ସବରେ ଘନଶ୍ୟାମ ପଣ୍ଡା, ସୁଦାମ ପଣ୍ଡା, ସୁଶାନ୍ତ ପୁରୋହିତ, ବ୍ରଜମୋହନ ପଣ୍ଡା, ବିଘ୍ନରାଜ ମିଶ୍ର, କୃଷ୍ଣଚନ୍ଦ୍ର ନନ୍ଦ, ପିଣ୍ଟୁ ପୁରୋହିତ ପ୍ରମୁଖ ପୂଜକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ବିଭିନ୍ନ ମଠର ସାଧୁସନ୍ଥଙ୍କ ସମାଗମ ମଧ୍ୟ ହୋଇଥିଲା ।



## ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ



**କଣ୍ଟାବାଞ୍ଜି, ୨୦।୨(ସମିସ):** କଣ୍ଟାବାଞ୍ଜି ଧାମନଡ଼ଙ୍ଗା ନିକଟରେ ଥିବା ଉପକାରାଗାର ସମ୍ମୁଖରେ ତିଆରି ହୋଇଛି ନୂତନ ହନୁମାନ ମନ୍ଦିର । ଏହାକୁ ନେଇ ଏକ ବିଶାଳ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ କର୍ତ୍ତା ଭାବେ କିଶନ ଅଗ୍ରୱାଲ ଓ ତାଙ୍କ ଧର୍ମପତ୍ନୀ, ଗିରିରାଜ ସିଂହ ମାଝୀ ଓ ତାଙ୍କ ଧର୍ମ ପତ୍ନୀ ନିରୁପମା ମିଝୀ ରହିଥିବାବେଳେ କମିଟିର ପ୍ରହରୀ ମଣ୍ଡପ କର୍ତ୍ତା ଭାବେ ଧନସିଂ ମାଝୀ ଓ ତାଙ୍କ ଧର୍ମପତ୍ନୀ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଭାପତି ରଘୁରାଜ ମାଝୀ, ଯୋଗେଶ୍ୱର ମାଝୀ, କୈଳାଶ ମାଝୀ, ସାଗର ଖରସେଲ, ଦୈତାରୀ ଭୋଇ, ରଥ ମାଝୀ, ସତ୍ୟନାରାୟଣ ବାଗ, ପିଙ୍କି ଖର୍ସେଲ ପ୍ରମୁଖ ସାମିଲ ରହିଥିଲେ ।

## ପ୍ରହସନ ପାଲଟିଛି ରାସ୍ତା ସମସ୍ୟା ସମାଧାନ ବୈଠକ

**ବିନିକା, ୨୦ ।୨(ସମିସ):** ଅଭିଯୋଗ ହେଲା ମାତ୍ରେ ଦଦରା ରାସ୍ତାର ନବୀକରଣ କାର୍ଯ୍ୟ ଆରମ୍ଭ ହେଉଛି କିନ୍ତୁ ସୀମିତ ଦିନ ପାଇଁ । ଲୋକ ଦେଖାଣିଆ ପ୍ରଶାସନର ସମନ୍ୱୟ ବୈଠକ ହେଉଛି ।କିନ୍ତୁ ରାସ୍ତା ସମସ୍ୟା ସମାଧାନ ପାଇଁ ସତରେ କଣ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି । କାରଣ ବିନିକା-ସୋନପୁର(ଅର୍ଜୁନପୁର ଛକ), ବିନିକା-ଡୁଙ୍ଗୁରିପାଲି ରାସ୍ତାର ନବୀକରଣ କାର୍ଯ୍ୟ ଦୀର୍ଘ ୨ବର୍ଷରୁ ଅଧିକ ହେବ ଚାଲୁ ରହିଛି । ବିନିକା ଠାରୁ ଅର୍ଜୁନପୁର ଛକ ପର୍ଯ୍ୟନ୍ତ ରାସ୍ତାର କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ବିନିକା ଠାରୁ ଡୁଙ୍ଗୁରିପାଲି ରାସ୍ତାର କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହେବା ଉପରେ । ହେଲେ ଅତ୍ୟନ୍ତ ପରିତାପର ବିଷୟ ବିନିକା ସହର ଡ଼ଭଲା ଠାରୁ ପାପକ୍ଷୟ ଛକ ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ମରଣଯନ୍ତା ପାଲଟିଛି । ରାସ୍ତାରେ ଯିବା ଆସିବା ପାଇଁ କେବଳ ଦୁଃଖ ଓ ଯନ୍ତ୍ରଣା ସହ୍ୟ କରିବାକୁ ପଡୁଛି ସାଧାରଣ ଲୋକଙ୍କୁ । ସେହିପରି ଯାନବାହାନ ଗୁଡ଼ିକ ହାତୀ ଝୁଲିଲା ପରି ଯିବା ଆସିବା କରୁଥିବାରୁ କାଳେ ଗାଡି ଓଲଟି ପଡ଼ିବ ଲୋକେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି ।ଅନ୍ୟପକ୍ଷରେ ରାସ୍ତାର ଅବସ୍ଥା ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟୁଛି । ପୁଣି ରାସ୍ତାରେ ଡଷ୍ଟ କୁହୁଡି ଭଳି ଉଡୁ ଥିବାରୁ ଲୋକେ ଅଣନିଃଶ୍ୱାସୀ ହେବା ସହିତ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି ।ରାସ୍ତାର ଉଭୟ ପଟରେ ଚାଲିଥିବା ଡ୍ରେନ କାର୍ଯ୍ୟ ଓ ପାଇପ ଲାଇନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥିବା ବେଳେ ମୁଖ୍ୟରାସ୍ତାର ବିଭିନ୍ନ ସ୍ଥାନରେ ପ୍ରାୟ ୪/୫ଟି କଲର୍ଭଟ ନିର୍ମାଣ କାମ ମଧ୍ୟରୁ କେବଳ ଗୋଟିଏ ଆରମ୍ଭ ହୋଇ ତାହା ଅଧାପନ୍ତରିଆ ଭାବେ ପଡ଼ି ରହିଛି । ସେହିପରି ରାସ୍ତାରେ ରହିଥିବା କେତେକ ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଉଠା ଯାଇ ନଥିବାରୁ ରାସ୍ତା କାର୍ଯ୍ୟ ବିଳମ୍ବ ହେଉଛି । ନବୀକରଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ ନେଇ ବିନିକା ଅଞ୍ଚଳବାସୀଙ୍କ ତରଫରୁ ପ୍ରଥମେ ଅଭିଯୋଗ ଶୁଣାଣି ଶିବିରରେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ହୋଇଛି । ପ୍ରଶାସନ ନ ଶୁଣିବାରୁ ତାର ୧୫ଦିନପରେ ପୁନର୍ବାର ତହସିଲଦାରଙ୍କ ମାଧ୍ୟମରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ଓ ବିନିକା ବନ୍ଦ ପାଳନ ହୋଇଥିଲା । ପ୍ରଶାସନ ୭ଦିନ ମଧ୍ୟରେ ରାସ୍ତା କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲା । ୧୫ଦିନ ପରେ ବି କାମ ନହେବାରୁ ପୁନର୍ବାର ଅଭିଯୋଗ ପରେ ଗତ ଦୁଇଦିନ ହେଲା ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଛି ।ଏହା ସହିତ ଲୋକ ଦେଖାଣିଆ ଭାବେ ପ୍ରଶାସନର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ପ୍ରକୃତରେ ରାସ୍ତାର ନବୀକରଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିବ ନା ପୁଣି ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ପ୍ରଶାସନର ସମନ୍ୱୟ ବୈଠକ କରି ବର୍ତ୍ତିବାର ଚାଲ ନୁହେଁ କି ବୋଲି ସାଧାରଣରେ ଆଲୋଚନା ହେଉଛି । ବିନିକା ଅଞ୍ଚଳବାସୀଙ୍କ ପାଇଁ ଦୁଃଖ ଓ ଯନ୍ତ୍ରଣା ସାଜିଥିବା ବିନିକା ସହର ମୁଖ୍ୟରାସ୍ତାର ନବୀକରଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ ହେବ ସେ ଦିଗରେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ତଥା ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।



## ସ୍ମାର୍ଟ ଲାଇବ୍ରେରୀକୁ ପୁସ୍ତକ ପ୍ରଦାନ



**ବିନିକା, ୨୦ ।୨(ସମିସ):** ସମ୍ବଲପୁର ଜିଲ୍ଲା ଜମନକିରା ନିବାସୀ କବିରତ୍ନ ପ୍ରମୋଦ କୁମାର ନାୟକ ବିନିକା ଗସ୍ତରେ ଆସି ସ୍ପୋର୍ଟସ କ୍ଲବ ଠାରେ ଖୋଲିଥିବା ସ୍ମାର୍ଟ ଲାଇବ୍ରେରୀକୁ ୩୦ଖଣ୍ଡ ପୁସ୍ତକ ପ୍ରଦାନ କରିଛନ୍ତି ।ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସନ୍ତୋଷ ପଣ୍ଡା, କୁଚିଣ୍ଡା କଲେଜଅଧ୍ୟାପକ ରାଜେଶ ପଣ୍ଡା, ବିନିକା ପୁଲିସ ଏଏସଆଇ ରଞ୍ଜନ ନାୟକ, ଅନିଲ ବେହେରା, ସାମାଜିକ କର୍ମୀ ଦୀପାନ୍ୱିତା ମାହାଣା, କ୍ଷୀରୋଦ ଚନ୍ଦ୍ର ବେହେରା, ଏବିଇଓ ବସନ୍ତ ଭୋଇ, ସ୍ପୋର୍ଟସ କ୍ଲବ୍ ସଭାପତି ସୋମନାଥ ମିଶ୍ର, ଯୁବ ସଂଗଠକ ମୁକେଶବଗର୍ତ୍ତି, ମିଳନ ପୁଝାରୀ, ତନୁଶ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।ଲାଇବ୍ରେରୀକୁ ପ୍ରଦାନ କରାଯାଇଥିବା ପୁସ୍ତକ ସଚେତନ ନାଗରିକ, ଅବସରପ୍ରାପ୍ତ କର୍ମଚାରୀଙ୍କ ପଢ଼ିବା ଉପଯୋଗୀ ହେବ ।ସୂଚନା ଯୋଗ୍ୟ ଯେ କବିରତ୍ନ ପ୍ରମୋଦ ନାୟକ କବିତା ପାଠ କରିବା ସହିତ ବିଭିନ୍ନ ଗଳ୍ପ ଲେଖୁ ଥିବାରୁ ସେ ଅଗ୍ନିସିକା ସାହିତ୍ୟ ସଂସଦ ତରଫରୁ ଆୟୋଜିତ କବି ସମ୍ମିଳନୀରେ ଭାଗନେଇ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଠାରୁ କବିରତ୍ନ ପ୍ରମାଣପତ୍ର ପାଇଥିଲେ ।

### ଆର୍ଥିକ ଅନଟନ ଭିତରେ ମୃଦଙ୍ଗ କାରିଗର

# ସରକାରୀ ପ୍ରୋତ୍ସାହନ ପାଇଁ ଦାବି

**ସୋନପୁର, ୨୦ ।୨(ସମିସ)**

କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେଲେ ଲୋକଙ୍କ ମନରେ ଆନନ୍ଦ ଆଣି ଦେଇଥାଏ । କାର୍ଯ୍ୟକ୍ରମରେ କୌଣସି ବାଦ୍ୟ ବାଜି ଉଠିଲେ ଖୁସିରେ ମନ ନାଚି ଉଠେ । ଏଭଳି ବାଦ୍ୟ ତିଆରି କରି ଶହ ଶହ ଲୋକଙ୍କ ମୁହଁରେ ହସ ଫୁଟାଉ ଥିବା କାରିଗରମାନେ ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଛନ୍ତି । ସୁବର୍ଣ୍ଣପୁର ଜିଲ୍ଲାର ମୃଦଙ୍ଗ କାରିଗରଙ୍କ ଆର୍ଥିକସ୍ଥିତି ସୁଧୁରି ପାରୁନାହିଁ । ନାମ, ସଂକୀର୍ତ୍ତନ, ଦାସକାଠିଆ, ପାଲା ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୃଦଙ୍ଗ ହେଉଛି ପ୍ରମୁଖ ବାଦ୍ୟ । ବେକରେ ମୃଦଙ୍ଗ ଟିଏ ଧରି ବାଦ୍ୟକାର ବିଭିନ୍ନ ଶୈଳୀରେ ବଜାଉ ଥିବା ବେଳେ ଦର୍ଶକମାନେ ଖୁବ୍ ମଜା ନେଇଥାନ୍ତି । କିନ୍ତୁ ମୃଦଙ୍ଗ ପଛର ପ୍ରକୃତ କଳାକାରଟି ସର୍ବଦା ଅଚିହ୍ନା ହୋଇ ରହିଯାଏ । ବାଦ୍ୟଯନ୍ତ୍ର ତିଆରି କରିଥିବା ମଣିଷକୁ କେହି ଜାଣିପାରନ୍ତି ନାହିଁ । ଯାହାର ହାତର ସ୍ପର୍ଶରେ ଏତେ ସୁନ୍ଦର ବାଦ୍ୟ ଯନ୍ତ୍ର ତିଆରି ହୋଇ ପାରିଛି ସେ କେବେ ଖୋଜା ପଡେ ନାହିଁ । ତେବେ ମୃଦଙ୍ଗ ତିଆରି କରୁଥିବା କାରିଗର ହିଁ ହେଉଛନ୍ତି ଜଣେ ଶ୍ରେଷ୍ଠ କଳାକାର ।ଖୁବ୍ ପରିଶ୍ରମ କରି ମୃଦଙ୍ଗକୁ ସ୍ମୃତି ମଧୁର କରିବା ପାଇଁ ମୃଦଙ୍ଗ କାରିଗର ଖୁବ୍ ଚେଷ୍ଟା କରିଥାଏ । ଏହା ସତ୍ତ୍ୱେ ମୃଦଙ୍ଗ କାରିଗରଙ୍କ ଅର୍ଥନୈତିକ ସ୍ଥିତି କେବେ ସୁଧୁରି ପାରୁନାହିଁ । ସରକାରୀ ବିଧି ବ୍ୟବସ୍ଥା ଭିତରେ କିଏ ଆବେଦନ କରି କଳାକାର ଭତ୍ତା ପାଉଥିବା ବେଳେ କିଏ ଗାଁ ଗାଁ ବୁଲି ମୃଦଙ୍ଗ ସଜାଡି ନିଜର ପରିବାର ପ୍ରତିପୋଷଣ କରୁଛି ।ଖରା ହେଉ ବର୍ଷା ହେଉ କେଉଁ ଗାଁକୁ ଯାଇ ମୃଦଙ୍ଗ ମରାମତି ନକଲେ ଘରେ ଚୁଲି ଜଳିବା ମଧ୍ୟ ମୁସ୍କିଲ ହୋଇଯାଉଛି । ସୋନପୁର ନିକଟସ୍ଥ ମହଦା ଗ୍ରାମର କ୍ଷେତ୍ର ବଗର୍ତ୍ତା ହେଉଛି ଜଣେ ସୁନାମଧନ୍ୟ ମୃଦଙ୍ଗ କାରିଗର । କେଉଁ ସଂକୀର୍ତ୍ତନ ଦଳର ମୃଦଙ୍ଗରେ ସମସ୍ୟା ହେଲେ କ୍ଷେତ୍ରଙ୍କୁ ଖୋଜନ୍ତି । ଠିକ୍ ସମୟରେ ପହଞ୍ଚି ନିଜ କାମ ନିର୍ବାହ କରିବାରେ ସେ କେବେ ଅବହେଳା କରନ୍ତି ନାହିଁ । ତେବେ ଆର୍ଥିକ ଦୃଷ୍ଟିରୁ କ୍ଷେତ୍ର ସ୍ୱଚ୍ଛଳ ନୁହନ୍ତି ।ଆମେ ଏହି କଳା ଛାଡିଦେଲେ ମୃଦଙ୍ଗ ତିଆରି ତଥା ମରାମତି ପାଇଁ ଲୋକେ ବହୁ ସମସ୍ୟା ଭୋଗିବେ ବୋଲି କ୍ଷେତ୍ର କହିଛନ୍ତି । ସଂକୀର୍ତ୍ତନ, ଦଣ୍ଡ ଆଦିରେ ଆଧୁନିକ ବାଦ୍ୟର ଅତ୍ୟଧିକ ପ୍ରୟୋଗ ଦ୍ୱାରା ଏହି ପାରମ୍ପରିକ ବାଦ୍ୟ ଗୌଣ ହୋଇ ଯାଉଛି ବୋଲି ସେ କ୍ଷୋଭର ସହ କହିଛନ୍ତି ।ମୃଦଙ୍ଗ କାରିଗରଙ୍କୁ ଚିହ୍ନଟ କରି ସରକାରୀ ପ୍ରୋତ୍ସାହନ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।



## ଫୁଟବଲ ପ୍ରତିଯୋଗିତା : କୁର୍ସୁଡ଼ ବିଜୟୀ



**ମୁରିବାହାଲ, ୨୦।୨(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ଖେଳପଡ଼ିଆଠାରେ ଜୟ ଡଙ୍ଗର ବୁଢା ଫୁଟବଲ ପ୍ରତିଯୋଗିତା ଇଲେଭେନ ବ୍ରଦର୍ ଫୁଟବଲ୍ ଆସୋସିଏସନ ତରଫରୁ ଉଦ୍‌ଘାଟିତ ହୋଇଯାଇଛି । ଆଜିର ମ୍ୟାଚ ଗୁଲମି ଓ କୁର୍ସୁଡ଼ ମହ ଖେଳାଯାଇଥିଲା । କୁର୍ସୁଡ ଦଳ ୨ ଟି ଗୋଲ କରି ଗୁଲମି ଦଳକୁ ପରାସ୍ତ କରିଥିଲା । ମୁଖ୍ୟ ଅତିଥି ଭାବରେ ଦେବବ୍ରତ ବିଶି ଓ ସମ୍ମାନିତ ଅତିଥି ଭାବରେ ସମାଜସେବୀ ଅଶୋକ କୁମାର ସାହୁ, ସୁବାସ ଚନ୍ଦ୍ର ପଟ୍ଟନାୟକ ଯୋଗ ଦେଇଥିଲେ । ରେଫରୀ ଆଶୀର୍ବାଦ ସାହା, ଆଶିଷ ଦେବ ସାହା, ଅଶ୍ୱିନି ଭୁକ୍ତା ଓ ପ୍ରତାପ ଭୁକ୍ତା ପରିଚାଳନା କରିଥିଲେ । ଖେଳରେ କମିଟିର ସଭାପତି ଯଶୋବନ୍ତ ଭୋଇ, ଉପସଭାପତି ମନୋଜ କୁମାର ପୂଝରୀ, ସହ ସମ୍ପାଦକ ରାଜୀବ ହାତୀ, ରବି ପୋଡ଼, ହେମରାଜ ବାଗ, କ୍ଷୀରସିନ୍ଧୁ ପାତ୍ର, ଚିତ୍ରସେନ ହାତୀ, ସୁନୀଲ ହାତୀ, ବିକି ସିଂ ଭୋଇ, ଝୁନୁ ପୋଡ଼ ଉପସ୍ଥିତ ଥିଲେ ।

